୬ ସଚିନ୍ କି କୋହଲି ନୁହନ୍ତି : ଗାଭାସ୍କରଙ୍କୁ ସୁପରହିରୋ ମାନିଲେ ବୈଭବ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୨୨ ● ୨ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-122 ● 2nd June 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଭାରତ-ମିଆଁମାର ସୁରକ୍ଷା : ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ସହମତ



**ନୂଆଦିଲ୍ଲୀ, ୧।୬**

ଭାରତ ଏବଂ ମିଆଁମାର ଆର୍ଥିକ ଏବଂ ସୁରକ୍ଷା ସହଯୋଗ ଏବଂ ସଂଯୋଗ ସମ୍ପ୍ରସାରଣ କରିବା ଲାଗି ସହମତ ହୋଇଛନ୍ତି। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ବାଣିଜ୍ୟ ଓ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥି ସହିତ ପଡ଼ୋଶୀ ଦେଶରୁ ଏକ ଆଶ୍ୱାସନା ଦିଆଯାଇଛି ଯେ ଏହାର ଜମିକୁ ଭାରତର ସୁରକ୍ଷା ସ୍ୱାର୍ଥ ବିରୁଦ୍ଧରେ ବ୍ୟବହାର କରିବାକୁ ଦିଆଯିବ ନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମିଆଁମାର ରାଷ୍ଟ୍ରପତି ମ୍ୟୁ ମିନ୍ ଅଙ୍ଗ ହ୍ଲାଇଙ୍ଗ ସୋମବାର ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ସୀମା ପରିଚାଳନା, ବିକାଶ ସହଯୋଗ, ସାଂସ୍କୃତିକ ବିନିମୟ ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଲାଗି ଦୁଇ ଦେଶ ସହମତ ହୋଇଥିଲେ।

ରାଷ୍ଟ୍ରପତି ହ୍ଲାଇଙ୍ଗ ୩୦ ମଇ ରୁ ୩ ଜୁନ୍ ପର୍ଯ୍ୟନ୍ତ ଭାରତ ଗସ୍ତରେ ଅଛନ୍ତି। ଏପ୍ରିଲ ୨୦୨୬ ରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ପ୍ରଥମେ ସେ 'ଇଣ୍ଟରନ୍ୟାସନାଲ ବିଗ୍ କ୍ୟାଟ୍ ଆଲାଏନ୍ସ' ଶିଖର ସମ୍ମିଳନୀରେ ଯୋଗ ଦେବାର ଥିଲା, କିନ୍ତୁ ସମ୍ମିଳନୀ ସ୍ଥଗିତ ହେବା ପରେ ଏହି ସୁଯୋଗକୁ ଦ୍ୱିପାକ୍ଷିକ ଆଲୋଚନା ପାଇଁ ବ୍ୟବହାର କରାଯାଇଥିଲା। ମିଆଁମାର ରାଷ୍ଟ୍ରପତିଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସିଛନ୍ତି। ଏଥିରେ ପାଞ୍ଚ ଜଣ କ୍ୟାବିନେଟ ମନ୍ତ୍ରୀ, ତିନି ଜଣ ଉପମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି।

ଆଲୋଚନା ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ମନ୍ତ୍ରଣାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଉଭୟ ପକ୍ଷ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ସଂଯୋଗର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି। ଭାରତ-ମିଆଁମାର-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥର କାଲାଦାନ ମଲ୍ଟି-ମୋଡାଲ ଟ୍ରାଞ୍ଜିଟ୍ ପରିବହନ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ କାଲେୱା-ୟାଗି ବିଭାଗର ଶୀଘ୍ର ନିର୍ମାଣ ପାଇଁ ମଧ୍ୟ ଏହା ଆହ୍ୱାନ ଦେଇଛି।

## ପୋଲିସ୍ ମାଡରେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଅଭିଯୋଗ ନେଇ ଉତ୍ତେଜନା

**ବ୍ରହ୍ମପୁର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ପୁଣି ଥାର୍ଡ ଡିଗ୍ରୀ ଅଭିଯୋଗ। ପୁଲିସ ମାଡ ପରେ ବାରଙ୍ଗରେ ଜଣେ ଯୁବକ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଅଭିଯୋଗ ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ କିଛି ଦିନ ତଳେ ଗ୍ରାମବାସୀ ଭୁବନେଶ୍ୱର-କଟକ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣା ପରେ ପରେ ପୁଣି ଏବେ ପୁଲିସ ମାଡରେ ଆଉ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ହେବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାଟି କବି ସୂର୍ଯ୍ୟନଗର ଅଞ୍ଚଳର।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁଲିସ ମାଡରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁବୁଳିଆ ଗ୍ରାମର ସୁଶାନ୍ତ ସାହୁ। ତାଙ୍କୁ ୬ ଦିନ ଥାନାରେ ଅଟକ ରଖି ମାଡ ମରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କବିସୂର୍ଯ୍ୟନଗର ଥାନା ମାମଲା ସଂଖ୍ୟା–୩୪୨/୨୦୨୬ ଏବଂ ବୈଦ୍ୟନାଥପୁର ଥାନା ଅପମୃତ୍ୟୁ ମାମଲା ସଂଖ୍ୟା–୪୧୨/୨୦୨୬ର ନିରପେକ୍ଷ



ତଦନ୍ତ ନିମନ୍ତେ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ ଦ୍ୱାରା କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାପ୍ରକାରେ, ସୁଶାନ୍ତ ସାହୁ କବିସୂର୍ଯ୍ୟନଗର ଅଞ୍ଚଳର ଏକ ପଥର ଖାଦାନରେ କାମ କରୁଥିଲେ। ସେଠାରେ କିଛି ଝଗଡ଼ା ହୋଇଥିଲା। ସେହିକ୍ରମରେ ପୁଲିସ ସୁଶାନ୍ତ ସମେତ ଅନ୍ୟ ଜଣଙ୍କୁ ଉଠାଇ ନେଇ ଗତ ୨୫ ତାରିଖ ଠାରୁ ଥାନାରେ ଅଟକ ରଖିଥିଲା। ସୁଶାନ୍ତକୁ ୨୫ ତାରିଖ ଠାରୁ ୩୧ ତାରିଖ ଯାଏଁ ଥାନାରେ ଅଟକ ରଖି ତଦନ୍ତ ଆଳରେ ନିସ୍ତୁକ ମାଡ଼ *(ପୃଷ୍ଠା ୭ରେ)*

### ୩ ପୁଲିସ ନିଲମ୍ବିତ

**ବ୍ରହ୍ମପୁର, ୧।୬ : ନ୍ୟୁଜ୍ ବ୍ୟୁରୋ**

କବିସୂର୍ଯ୍ୟନଗର ଥାନାରେ ପୋଲିସ୍ ମାଡରେ ଜଣେ ଦିବ୍ୟାଙ୍ଗ ଯୁବକ ଗୁରୁତର ହେବା ଏବଂ ପରବର୍ତ୍ତୀ ସମୟରେ ତାର ମୃତ୍ୟୁ ଘଟିବା ଘଟଣାରେ ଦକ୍ଷିଣାଞ୍ଚଳ ରେଞ୍ଜ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଘଟଣାରେ ଆଇପିଏସ ନୀତିଶ କୁମାରଙ୍କୁ ଗଞ୍ଜାମ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଏସଆଇ ସମୀର ରାଉତ, ବାଲିଚାଇ ଫାଣ୍ଡି ଏଏସଆଇ ବୈକୁଣ୍ଠ ଜେନାଙ୍କ ସମେତ କନେଷ୍ଟବଳ ସୁମନ କୁମାର ସାହୁଙ୍କୁ ନିଲମ୍ବିତ କରାଯାଇଛି। ଡ୍ରାଇଭର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ମୁକ୍ତ କରାଯାଇଥିବା ବେଳେ କବିସୂର୍ଯ୍ୟନଗର ଥାନା ଓ ବାଲିଚାଇ ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପୁଲିସ ମାଡରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି ।

### ସୌମ୍ୟ ହତ୍ୟା ଘଟଣା: ତଦନ୍ତ ପାଇଁ ଭୁବନେଶ୍ୱରରେ ଏନ୍ଏଚ୍ଆରସିର ୨ ଜଣିଆ ଟିମ୍

**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ବାଲିଅନ୍ତାରେ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ଘଟଣାର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ୨ ଜଣିଆ ଟିମ୍ ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଏନ୍ଏଚ୍ଆରସିର ୨ ଅଧିକାରୀ ସିଧାସଳଖ ରାଜ୍ୟ ଅତିଥି *(ପୃଷ୍ଠା ୭ରେ)*

## ଇଭି ଯାନ କିଣା ନେଇ ରାଜ୍ୟ ସରକାରଙ୍କ ନୂଆ ଗାଇଡ୍‌ଲାଇନ

**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ଦେଶରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖା ଦେଇଥିବାରୁ ଏହାକୁ ଆଖି ଆଗରେ ରଖି ଓଡିଶା ସରକାର ନୂଆ ଗାଇଡଲାଇନ ଆଣିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ସରକାର ଏଣିକି ଇଭି ଯାନ କିଣିବେ। ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁଁ ତେଲ ଦର ଆକାଶଛୁଆଁ ହେବାରେ ଲାଗିଛି। ଏହାର ସିଧାସଳଖ ପ୍ରଭାବ ରାଜ୍ୟର ରାଜକୋଷ ଉପରେ ପଡ଼ିବାକୁ ଯାଉଛି। ଏହି ଇନ୍ଧନ ସଙ୍କଟର ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏଣିକି ସରକାରୀ କାମରେ ବ୍ୟବହାର ପାଇଁ କେବଳ ଇଲେକ୍ଟ୍ରିକ୍ ଯାନ କିଣାଯିବ। ଏହି ନିୟମ ସମସ୍ତ ସରକାରୀ ବିଭାଗ ପାଇଁ ବାଧ୍ୟତାମୂଳକ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବର୍ଦ୍ଧିତ ଇନ୍ଧନ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମାରେ କିଛି କଡ଼ା ଗାଇଡଲାଇନ୍ ସ୍ଥିର ହୋଇଛି। ବିଭିନ୍ନ ପାହ୍ୟାର ସରକାରୀ ପଦାଧିକାରୀ ଓ ବ୍ୟକ୍ତିଙ୍କ ପାଇଁ ଇଭି କିଣିବାର ସର୍ବାଧିକ ଟଙ୍କାର ସୀମା ନିର୍ଦ୍ଧାରଣ ହୋଇଛି । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ବିଚାରପତି ଏବଂ ମନ୍ତ୍ରୀଙ୍କ ପାଇଁ ୩୦ ଲକ୍ଷ ଟଙ୍କା । ସେହିପରି ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ସଚିବ ଓ ସମାନ ପାହ୍ୟାର ଅଧିକାରୀଙ୍କ ପାଇଁ ୨୫ ଲକ୍ଷ ଟଙ୍କା ସୀମା ରହିଛି।

ଜିଲ୍ଲା ଜଜ୍, ଜିଲ୍ଲାପାଳ ଓ ଏସପି ମାନଙ୍କ ପାଇଁ ୨୦ ଲକ୍ଷ ଧାର୍ଯ୍ୟ *(ପୃଷ୍ଠା ୭ରେ)*

### ୪୮ ଏନ୍ଏଚ ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ
## ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଗୋଟି ଜାତୀୟ ରାଜପଥର ଅଗ୍ରଗତି ନେଇ ସୋମବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି




ଦେବାକୁ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- ଗୁଜୁରାଟରେ ୫ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ପ୍ରଥମ ଶ୍ରେଣୀର ଅଧିକାରୀ ଗିରଫ।
- ପଶ୍ଚିମବଙ୍ଗରେ କ୍ୟାବିନେଟ ସମ୍ପ୍ରସାରଣ, ଶପଥ ନେଲେ ୩୫ ମନ୍ତ୍ରୀ।
- ୧୨ ଜୁନରେ ରାଷ୍ଟ୍ରପତିଙ୍କ ଡେରାଡୁନ ଗସ୍ତ।
- ବଙ୍ଗଳାର ସରକାରୀ ସ୍କୁଲଗୁଡ଼ିକରେ 'ବନ୍ଦେ ମାତରମ୍' ଗୁଞ୍ଜରଣ ମଧ୍ୟରେ ପାଠପଢ଼ା ଆରମ୍ଭ।
- ପଞ୍ଜାବ: ଲୁଧିଆନାରେ ଗ୍ୟାସ୍ ଲିକ୍ ଯୋଗୁଁ ୩ ମୃତ, ୨ ଗୁରୁତର।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୨୨ (-୮୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୨୦ (-୭୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୧୭ (+୬୧)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (+୦)

### ଜୁନ୍ ୩ରୁ ବ୍ରିକ୍ସ ସମ୍ମିଳନୀ

**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଜୁନ୍ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବ। ୪ ତାରିଖରେ ଏହାର ଉଦଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବ୍ରିକ୍ସ୍ ରାଷ୍ଟ୍ରସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ ମଧ୍ୟ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବ୍ରିକ୍ସ୍ ହେଉଛି ବିଶ୍ୱର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ନେଇ ଗଠିତ ଏକ ପ୍ରମୁଖ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂଗଠନ ଏବଂ ଭୂ-ରାଜନୈତିକ ମଞ୍ଚ। ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ବ୍ରାଜିଲ୍, ରୁଷ୍, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, *(ପୃଷ୍ଠା ୭ରେ)*

## ଅଭିଯୋଗ ଶୁଣାଣି ଆମ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟିଛି



**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି।

ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ *(ପୃଷ୍ଠା ୭ରେ)*

### ଖାକିର ଦାଦାଗିରି...




### ଏକାଳ ପଖାଳ



ରାସ୍ତା ମଝିରେ ହଣାମରା ଗୁଳି
ତାଙ୍କୁ ନପାରିଛ ଧରି
ନିରୀହ ଲୋକଙ୍କୁ ବାଡେଇ ବାଡେଇ
ଦେଉଅଛ ତାଙ୍କୁ ସାରି
ଦେଖାଉଛ ଦାଦାଗିରି
ବଡ ଲୋକସବୁ ଆରାମ କରନ୍ତି
ସସ୍‌ପେଣ୍ଡ ଯାହା କରି।

## ସ୍ୱେଚ୍ଛାକୃତ ଦେହ ବ୍ୟବସାୟ ବେଆଇନ ନୁହେଁ



**ନୂଆଦିଲ୍ଲୀ, ୧।୬**

ଅନୈତିକ ମାନବ ଚାଲାଣ (ନିବାରଣ) ଆଇନର ବିଶ୍ଳେଷଣ କରିବା ସମୟରେ ସୁପ୍ରିମକୋର୍ଟ ବଡ଼ ବୟାନ ଦେଇଛନ୍ତି। ୭୦ ବର୍ଷ ପୁରୁଣା ଏହି ଆଇନ ପୁଲିସକୁ ସ୍ୱଇଚ୍ଛାରେ ଦେହ ବ୍ୟବସାୟ କରୁଥିବା ପ୍ରାପ୍ତବୟସ୍କଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଦେଇନାହିଁ। କାରଣ ଦେହବ୍ୟବସାୟ ଗୋଟିଏ ଅବୈଧ କାର୍ଯ୍ୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

କୋର୍ଟ କହିଛନ୍ତି ଯେ ବେଶ୍ୟାଳୟ ଚଳାଇବା ଅବୈଧ ହୋଇଥିଲେ ମଧ୍ୟ ଚଢ଼ଉ ସମୟରେ ସେଠାରୁ ଠାବ ହେଉଥିବା ସ୍ୱେଚ୍ଛାକୃତ ଦେହବ୍ୟବସାୟଙ୍କୁ ନିର୍ଯାତିତ କରାଯିବା କିମ୍ବା ହେପାଜତକୁ ନିଆଯିବା ଉଚିତ ନୁହେଁ।

ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ ଆର୍ ମହାଦେବନଙ୍କ ଖଣ୍ଡପୀଠ ଦେହ ବ୍ୟବସାୟୀଙ୍କ ପୁନର୍ବାସ ସମ୍ପର୍କରେ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ନିଜ ଇଚ୍ଛାରେ ଦେହ ବ୍ୟବସାୟରେ ନିୟୋଜିତ ପ୍ରାପ୍ତ ବୟସ୍କଙ୍କୁ ପୁଲିସ ହଇରାଣ କରିବାରୁ ବିରତ ରହିବା ଜରୁରୀ। ଯେହେତୁ ଏପରି ମହିଳାମାନେ ସ୍ୱେଚ୍ଛାକୃତ ଭାବେ ଦେହ ବ୍ୟବସାୟ କରୁଛନ୍ତି, ତେଣୁ ସେମାନଙ୍କୁ ଉଦ୍ଧାର କରିବାର ପ୍ରଶ୍ନ *(ପୃଷ୍ଠା ୭ରେ)*

## ରାଜ୍ୟ ସଭା ଉପ-ନିର୍ବାଚନ ବିଜ୍ଞପ୍ତି ପ୍ରକାଶ
## ସତ୍ୟବ୍ରତ ରାଉତ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ

**ଭୁବନେଶ୍ୱର, ୧।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ଉପ-ନିର୍ବାଚନ ପାଇଁ ବିଧାନସଭା ସଚିବାଳୟ ପକ୍ଷରୁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ଉପନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରାଯାଇଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଫିସର୍ ଦାୟିତ୍ୱ ଦିଆଯାଇଥିବା ବେଳେ ବିଦ୍ୟାଧର ମାଝୀ ଯୁଗ୍ମ ସଚିବ ସହାୟକ ରିଟର୍ଣ୍ଣିଂ ଅଫିସର୍ ନିଯୁକ୍ତ ହୋଇଛନ୍ତି।

ଏପରିକି ଆଜିଠୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଭା ଉପନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ୯ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ରହିଥିବା ବେଳେ ଜୁନ୍ ୧୧ରେ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ୧୮ରେ ରାଜ୍ୟ ସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ରହିଛି।

ସୂଚନାଯୋଗ୍ୟ, ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେବା ପରେ ମେ' ୨୭ରେ ରାଜ୍ୟ ସଭା ଉପନିର୍ବାଚନ ଲାଗି ଇସିଆଇ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହିକ୍ରମରେ ଖାଲିଥିବା ରାଜ୍ୟ ସଭା ଆସନ ଲାଗି ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୨ଜୁନ୍ ୨୦୨୬ ମଙ୍ଗଳବାର





# ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ସୁପରଭାଇଜର୍‌ଙ୍କୁ ତାଲିମ୍

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ନିର୍ଭୁଲ, ସ୍ୱଚ୍ଛ ଏବଂ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିକୁ ଲକ୍ଷ୍ୟ ରଖି ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ସ୍ତରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସଚେତନ ଓ ପ୍ରଶିକ୍ଷିତ କରାଯାଇଥିଲା। ରାଜନଗର ଓ ପଟ୍ଟାମୁଣ୍ଡାଇରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଆଳି ଓ ରାଜକନିକାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଗରଦପୁରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡ଼ାରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଏବଂ ମାର୍ଶାଘାଇରେ ବିଡିଓ ଅମୀୟ କୁମାର ସ୍ୱାଇଁ ଓ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜି ମାଝୀ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ ଅଧିକାରୀମାନେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିଷ୍ଠା ଏବଂ ଦାୟିତ୍ୱବୋଧ ସହ କାର୍ଯ୍ୟ କରି ମତଦାତାଙ୍କ ବିଶ୍ୱାସ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ମୂଳ ଆଧାର ଭାବେ ଉଲ୍ଲେଖ କରାଯାଇଥିଲା।ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଘରକୁ ଘର ଯାଇ ଏସଆଇଆର କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

ତାଲିମରେ ଘରୋଇ ସଂଶୋଧନ, ଫର୍ମ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ଅପସାରଣ, ନୂତନ ମତଦାତାଙ୍କ ନାମ ସଂଯୋଜନ, ସମୟସୀପାଳନ ଏବଂ ଯାଞ୍ଚ ପ୍ରକ୍ରିୟା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।



# ଗୋଣ୍ଡ ମହାସଭାର ସଚେତନତା ସଭା

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମହରାପଦର ଠାରେ ଅଖିଳ ଭାରତୀୟ ଗୋଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ପଲ୍ଲୀ ଆୟୋଜନ ସମିତି ସହଯୋଗକ୍ରମେ ମହରାପଦରର ଶତାଧିକ ମହିଳା ପୁରୁଷମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଂପାଦକ ଟିକେଶ୍ୱର ଧରୁଆ ସଭା ପରିଚାଳନା କରିଥିଲେ । ଗୋଣ୍ଡ ସମାଜର ବ୍ଲକ ଆୟୋଜନ ସମିତି ପାଟଣାଗଡ, ମହାସଚିବ ପୂର୍ଣ୍ଣଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ । ଅନ୍ୟାନ୍ୟ ଅତିଥିଙ୍କ ସହିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବଲାଙ୍ଗିର ଜିଲ୍ଲା ସଭାପତି ଶ୍ରୀମାନ ବଲ୍ଲଭ ଧରୁଆ ଯୋଗଦେଇ ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ସମାଜ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ମହରାପଦର ଗ୍ରାମର ଶ୍ରୀମାନ ହେମସାଗର ଧରୁଆଙ୍କ ଝିଅ କୁମାରୀ ରୁପକାନ୍ତି ଧରୁଆ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରାଣୀ ଭାବେ ନବ ନିଯୁକ୍ତି ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜ ଶିକ୍ଷା ଓ ସଂସ୍କୃତିର ବିକାଶ ଦିଗରେ ସମସ୍ତ ଅତିଥି ନିଜ ନିଜ ମତ ଦେଇଥିଲେ ।

## ତେଲ ସଙ୍କଟ ପରେ ଭାଙ୍ଗିଲା ସରକାରଙ୍କ ନିଦ

# ପଞ୍ଜୀକରଣ ହେଲାଣି ଅଢ଼େଇ ଲକ୍ଷ ଇଭି, ବ୍ଲକ୍‌ଠୁ ସହର ଚାର୍ଜିଂ ଷ୍ଟେସନ ଯୋଜନା

କଟକ, ନ୍ୟୁଜ ବ୍ୟୁରୋ

୨୦୨୧ରୁ ଇଲେକ୍ଟ୍ରିକ୍ ଭେଇକିଲ(ଇଭି) ନୀତି ହେଲାଣି । ଇତିମଧ୍ୟରେ ରାଜ୍ୟରେ ଅଢ଼େଇ ଲକ୍ଷ ଇଭି ଗାଡ଼ି ପଞ୍ଜୀକରଣ ହୋଇସାରିଲାଣି । ନୀତିକୁ ପାଞ୍ଚ ବର୍ଷ ବିତି ଯାଇଥିଲେ ବି ଏଥିପାଇଁ ସରକାରଙ୍କ ଭିତ୍ତିଭୂମି ନାହିଁ କହିଲେ ଚଳେ । କାଁ ଭାଁ କେଉଁଠି ଗୋଟେ ଦୁଇଟି ଇଭି ଚାର୍ଜିଂ ଷ୍ଟେସନ୍‌ରେ କାମ ସରିଯାଇଥିଲା। ଏବେ ତେଲ ସଙ୍କଟ ପରେ ସରକାରଙ୍କ ନିଦ ଭାଙ୍ଗିଛି । ବିଭିନ୍ନ ଯୋଜନାରେ ପ୍ରତ୍ୟେକ ବ୍ଲକ୍ ଠାରୁ ଆରମ୍ଭ କରି ସମସ୍ତ ସହରରେ ଏହି ଇଭି ଚାର୍ଜିଂ ଷ୍ଟେସନ୍ କରିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଇଭି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଚାର୍ଜିଂ ଷ୍ଟେସନ୍ । ଯେତେବେଳେ କେହି ବ୍ୟକ୍ତି ଇଭି ଧରି ଘରୁ ବାହାରି ଆସୁଛନ୍ତି ଏବଂ ରାସ୍ତାରେ କୌଣସି କାରଣରୁ ଚାର୍ଜିଂ ଶେଷ ହୋଇଯାଏ ତାହେଲେ ଏହାହିଁ ଗାଡ଼ି ପାଇଁ ସବୁଠାରୁ ବଡ଼ ସମସ୍ୟା । ଏଥିପାଇଁ ଇଭି ଷ୍ଟେସନ୍ ପ୍ରତିଷ୍ଠା କରିବାର ନିହାତି ଆବଶ୍ୟକତା ରହିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଏକ୍ଷେତ୍ରରେ ବିଶେଷ ଅଗ୍ରଗତି ଘଟିନଥିଲା । କିନ୍ତୁ ଏବେ ତେଲ ସଙ୍କଟ ପରେ ଇଭି ଗାଡ଼ି କିଣିବା ଲାଗି ଆଗ୍ରହ ପ୍ରକାଶ ପାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ୩୨୭ଟି ଅଟଳ ବସ୍‌ଷ୍ଟାଣ୍ଡରେ ଇଭି ଚାର୍ଜିଂ ଷ୍ଟେସନ୍ କାମ ଆରମ୍ଭ କରିଛନ୍ତି । ଅଳ୍ପ କିଛି ମାସ ମଧ୍ୟରେ ଏହି ଷ୍ଟେସନ୍ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଏବେ ରାଜ୍ୟର ପ୍ରତ୍ୟେକ ବଡ଼ବଡ଼ ବସ୍ ଟର୍ମିନାଲ୍‌ରେ ମଧ୍ୟ ଇଭି ଚାର୍ଜିଂ ଷ୍ଟେସନ୍ କରାଯିବାକୁ ଯୋଜନା ହୋଇଛି । ଏଥିସହ ଟ୍ରକ୍ ଟର୍ମିନାଲ୍‌ରେ ମଧ୍ୟ କରାଯିବ । ବିଭିନ୍ନ ତେଲ ଟାଙ୍କିକୁ ସରକାର ଏବେ ପ୍ରାଥମିକତା ଭିତ୍ତିରେ ରଖିଛନ୍ତି । ବର୍ତ୍ତମାନ ବିଭିନ୍ନ ତେଲ ଟାଙ୍କିରେ ୧୦୧୪ଟି ଇଭି ଚାର୍ଜିଂ ଷ୍ଟେସନ୍ ରହିଛି । ଏହିସବୁ ଚାର୍ଜିଂ ଷ୍ଟେସନ୍ ବିଭିନ୍ନ ଇଭି କମ୍ପାନୀ ପକ୍ଷରୁ କରାଯାଇଛି । ଅନ୍ୟ ଯେଉଁ ଟାଙ୍କି ଗୁଡ଼ିକରେ ନାହିଁ ତୁରନ୍ତ ସେହିସବୁ ଟାଙ୍କିରେ ଇଭି ଚାର୍ଜିଂ ଷ୍ଟେସନ୍ କରିବା ପାଇଁ ରାଜ୍ୟ ସରକାର ଯୋଜନା ଆରମ୍ଭ କରିଛନ୍ତି।

କେନ୍ଦ୍ର ସରକାର ଏବେ ପିଏମ୍ ଇ-ଡ୍ରାଇଭ୍ ଯୋଜନାରେ ଓଡ଼ିଶାର ୬ଟି ପ୍ରମୁଖ ସହରରେ ୧୯୦ଟି ଇଭି ଚାର୍ଜିଂ ଷ୍ଟେସନ୍ ବସାଇବାକୁ ଯୋଜନା କରିଛନ୍ତି । ଭୁବନେଶ୍ୱର, କଟକ, ପୁରୀ, ଯାଜପୁରର କଳିଙ୍ଗନଗର, ବାଲେଶ୍ୱର, ଅନୁଗୁଳ ସହରରେ ଏହି ଇଭି ଷ୍ଟେସନ୍ ବସାଯିବ । ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ରାଜ୍ୟ ସରକାର ଏବେ ତିନୋଟି ବର୍ଗରେ ବିଭକ୍ତ କରିଛନ୍ତି । ଯେଉଁ ଜିଲ୍ଲାରେ ଅଧିକ ଇଭି କିଣାଯିବ ତାହାକୁ 'ଏ' ପର୍ଯ୍ୟାୟଭୁକ୍ତ କରାଯାଇଛି । ଅର୍ଥାତ ଏହି 'ଏ' କାଟାଗୋରୀ ଭିତରେ ଆସୁଥିବା ଜିଲ୍ଲା ଗୁଡ଼ିକରେ ଅଧିକରୁ ଅଧିକ କିପରି ଇଭି ଚାର୍ଜିଂ ଷ୍ଟେସନ୍ କରାଯିବ ସେଥିପାଇଁ ମଧ୍ୟ ଯୋଜନା କରାଯାଉଛି।

ଏସ୍‌ଟିଏ ପକ୍ଷରୁ ଏବେ ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ ହୋଇଛି । ପ୍ରତ୍ୟେକ ଆରଟିଓ ନିକଟରେ ଏକ ଚାର୍ଜିଂ ଷ୍ଟେସନ୍ କରାଯିବ। ଏଥିସହ ସହରର ଗୁରୁତ୍ୱପୂର୍ଣ୍ଣ ତଥା ଗହଳି ସ୍ଥାନମାନଙ୍କରେ ଏହି ଷ୍ଟେସନ୍ ପ୍ରତିଷ୍ଠା ପାଇଁ ଯୋଜନା ହୋଇଛି । ଯେମିତିକି ଭୁବନେଶ୍ୱରର ନନ୍ଦନକାନନ, ଫରେଷ୍ଟ୍‌ପାର୍କ, ରୂପାଲି ଛକ ଏବଂ ଅନ୍ୟ କେତେକ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଏହି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରାଯାଇଛି । ଅନ୍ୟାନ୍ୟ ସହର ପାଇଁ ମଧ୍ୟ ଏହିଭଳି ଯୋଜନା ଚାଲିଛି ବୋଲି ଏସ୍‌ଟିଏର ଯୁଗ୍ମ କମିସନର ସମରେନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି । ପ୍ରାୟ ବର୍ଷକ ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଚାର୍ଜିଂ ଷ୍ଟେସନ୍ ଉପଲବ୍ଧ କରାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।





# ଜନଅଭିଯୋଗ ଶୁଣାଣି ପରେ ଚେତିଲା ତୁରେକେଲା ପ୍ରଶାସନ

ତୁରେକେଲା, ନ୍ୟୁଜ୍ ବ୍ୟୁରୋ

ମାଓ ଅଧ୍ୟୁଷିତ ଅଞ୍ଚଳର ଘୁନେଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୟନୀୟ ଅବସ୍ଥାକୁ ନେଇ ୨୦୨୩ ମସିହାରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ନମ୍ବର ଉଗ୨୦୨୩୨୮୯୧୭୮ ଆଧାରରେ ପ୍ରଶାସନ ପକ୍ଷରୁ ତଦନ୍ତ ହୋଇଥିଲା। 'ଗଣମାଧ୍ୟମ'ରେ ପ୍ରକାଶିତ ଖବରରେ ସ୍କୁଲ ଭବନର ଫାଟିଯାଇଥିବା କାନ୍ଥ, ଅସୁରକ୍ଷିତ ଶ୍ରେଣୀକକ୍ଷ ଓ ପାଠପଢ଼ାରେ ଛାତ୍ରଛାତ୍ରୀଙ୍କ ଅସୁବିଧା ସମ୍ପର୍କରେ ଉଲ୍ଲେଖ ଥିଲା। ଏହା ପରେ ଅଭିଯୋଗକାରୀ ବିଶିକେଶନ ମାଝୀ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ। ଜନଶୁଣାଣି ପୋର୍ଟାଲର ସୂଚନା ଅନୁସାରେ ଅଭିଯୋଗଟି ଉରଙ୍ଗ ଓ ଇଉଙ୍ଗ ତୁରେକେଲାଙ୍କ ପାଖକୁ ପଠାଯାଇଥିଲା ଏବଂ ପରେ ମାମଲାର ନିଷ୍ପତ୍ତି କରାଯାଇଛି। ଏହି ପରିପ୍ରେକ୍ଷୀରେ ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ବଲାଙ୍ଗିର ଜିଲ୍ଲାପାଳଙ୍କୁ ପଠାଯାଇଥିବା ପତ୍ରରେ ଉଲ୍ଲେଖ ଅଛି ଯେ, ତଦନ୍ତ ପରେ ଘୁନେଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀକକ୍ଷ ନିର୍ମାଣ ସମାପ୍ତ ହୋଇଛି। ସେହିପରି ପୁରୁଣା ଭବନର ମରାମତି ଓ ରକ୍ଷଣାବେକ୍ଷଣ କାମ ସହ ଗୋଟିଏ ଶୌଚାଳୟ ନିର୍ମାଣ ମଧ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ସମସ୍ୟାରେ ରହୁଥିବା ଏହି ସ୍କୁଲରେ ଆବଶ୍ୟକ ଭିତ୍ତିଭୂମି ସୁବିଧା କାମ ସମାପ୍ତ ହେବା ପରେ ସ୍ଥାନୀୟ ଅଭିଭାବକ ଓ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ଓ ଜନଶୁଣାଣିରେ ଅଭିଯୋଗ ପରେ ପ୍ରଶାସନ ତତ୍ପର ହୋଇଥିବା ଚର୍ଚ୍ଚା ହେଉଛି।

# ସୁନ୍ଦରଗଡ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ

ରାଉରକେଲା ନ୍ୟୁଜ୍ ବ୍ୟୁରୋ

ଗତ ୨୮ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଆଜି ଏକଦିବସୀୟ ଗସ୍ତ ରେ ସୁନ୍ଦରଗଡ ଆସି ଜିଲ୍ଲା ରେ ଚାଲିଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଉରକେଲା ପାନପୋଷ ସ୍ଥିତ ପ୍ରଦକ୍ଷଣ ଗୃହଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶ୍ରୀ ନାଏକ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସଫଳ ରୂପାୟନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବୈଠକ ରେ ସେ କହିଥିଲେ ଯେ ବିକଶିତ ଗାଁ, ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବା ସହ ପ୍ରତିଟି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ସୁବିଧା ପହଞ୍ଚାଇବା ଆମ ସରକାରଙ୍କ ପ୍ରାଥମିକତା। ଏହି ପରିପ୍ରେକ୍ଷୀରେ ସମସ୍ତ ଜନକଲ୍ୟାଣକାରୀ ପ୍ରକଳ୍ପ ଯେପରି ସଠିକ୍ ସମୟରେ ଶେଷ ହୋଇ ଜନସାଧାରଣଙ୍କ ସେବାରେ ଉପଯୋଗୀ ହୋଇପାରିବ, ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ରେ ଗ୍ରାମୀଣ ଜଳ ଯୋଗାଣ, ଗ୍ରାମୀଣ ଗୃହ ନିର୍ମାଣ,ସଡ଼କ ନିର୍ମାଣ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ କେତେଦୂର ଅଗ୍ରଗତି ହୋଇଛି ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେତେକ ସ୍ଥାନରେ ବିଦ୍ୟୁତ ସମସ୍ୟା ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବାବେଳେ କିପରି ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ହେବ ବିଷୟରେ ଆଲୋଚନା କରାଯାଇଥିବା । ମାନ୍ୟବର ମନ୍ତ୍ରୀ ଅସମ୍ପୂର୍ଣ୍ଣ କାର୍ଯ୍ୟ କୁ ଶୀଘ୍ର ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ରଘୁନାଥପାଲିର ମାନନୀୟ ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ , ସମେତ ସମସ୍ତ ବ୍ଲକ ର ବିଡିଓ , ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।





# ପୋଲିସ୍‌ଠାରୁ ନ୍ୟାୟ ନ ପାଇ ଜିଲ୍ଲାକାର୍ଯ୍ୟାଳୟ ଆଗେର ଧାରଣା



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ପୋଲିସ ଠାରୁ ନ୍ୟାୟ ନମିଳିବାରୁ ସପରିବାର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଆଗେରଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଖବର ନେବାରୁ ଜଣାପଡିଛି ଯେ- ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ଗ୍ରାମର ବନମାଳୀ ବେହେରାଙ୍କ ପତ୍ନୀ ଏବଂ ବିବାହିତ ଝିଅ ସଂଗୀତା ବେହେରା ଏବଂ ଛୋଟ କୁନି ନାତୁଣୀକୁ ସେହି ଗ୍ରାମର କିଛି ମୁଷ୍ଟିମେୟ ଓ ଅସାମାଜିକ ବ୍ୟକ୍ତି ପୂର୍ବ ଜମିବାଡ଼ି ଜନିତ ବିବାଦ ଓ ଶତ୍ରୁତାକୁ କେନ୍ଦ୍ରକରି ପ୍ରତିଦିନ ସଂଗୀତା ବେହେରା ଏବଂ ତାଙ୍କ ମାଙ୍କୁ ଅଶୀଳ ଭାଷାରେ ଗାଳି ଗୁଳଜ କରିବା ସହିତ ବିଭିନ୍ନ ମାରଣା ଅସ୍ତ୍ରରେ ଆକ୍ରମଣ କରି ମାଡ଼ମାରି ଦୀର୍ଘଦିନ ହେବ ମେଡିକାଲରେ ପକାଇବା ପରେ ସଂଗୀତାଙ୍କ ମା ଏହି ଘଟଣା ବିଷୟରେ ପାଟକୁରା ଥାନାରେ ବାରମ୍ବାର ଲିଖିତ ଅଭିଯୋଗ କରିବାପରେ ମଧ ପାଟକୁରା ଥାନା ଅଧିକାରୀଉକ୍ତ କେସନେଇ ପୀଡିତା ପରିବାରକୁ ନ୍ୟାୟ ଦେବା ବଦଳରେ ଓଲଟି ଅଭିଯୁକ୍ତ ମାନଙ୍କୁ ନ ଧରିପୀଡ଼ିତାଙ୍କ ପରିବାର ଥାନାକୁ ଗଲେ ସେମାନଙ୍କୁ ଗାଳିଗୁଲଜ କରିବା ସଂଗେ ସଂଗେ ଧମକ ଚମକ ଦେଇ ଥାନାରୁ ତଡ଼ିଦେବା ଏବଂ ଅଭିଯୁକ୍ତମାନେ ବୁଲୁଥିଲେ ମଧ ସେମାନଙ୍କୁ ଗିରଫ ନକରି ରାଜନୈତିକ ଚାପରେ ଘଣ୍ଟ ଘୋଡାଇବା ଭଳି ସଂଗୀନ ସଂଗୀନ ମୂଳକ ଅଭିଯୋଗ ମାନ ପାଟକୁରା ଥାନା ପୋଲିସ ନାମରେ ଆଣି ନିରୁପାୟ ହୋଇ ପୀଡିତା ସଂଗୀତା ଏବଂ ତାଙ୍କ ମା ପୋଲିସର ଏପରି ଅମାନୁଷିକ କାର୍ଯ୍ୟପାଇଁ ବାରମ୍ବାର ଏସପିଙ୍କ କାର୍ଯ୍ୟାଳୟକୁ ନ୍ୟାୟପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ଜିଲ୍ଲାକାର୍ଯ୍ୟାଳୟ ଆଗେର ନ୍ୟାୟ ପାଇଁ ଧାରଣାରେ ବସିଥିବା ଜଣାପଡିଛି।

# ଓମ୍‌କାର ସାଂସ୍କୃତିକ ଉତ୍ସବ ପକ୍ଷରୁ ପ୍ରତିଭା ଅନ୍ୱେଷଣ





ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଓମ୍‌କାର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର ପୂର୍ବାହ୍ନ ୧୦ରୁ ଆରମ୍ଭ ହୋଇଥିବା ଦିବସବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରତିଷ୍ଠାତା କ୍ୟାପ୍‌ଟେନ୍ ଓମ୍‌କାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କବୟତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ତବଲା, ଓଡ଼ିଶୀ, ମର୍ଦ୍ଦଳ ଓ ସଂଗୀତ ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଭାମାନଙ୍କୁ ନେଇ ୨ଟି ବର୍ଗରେ ଆୟୋଜିତ ହୋଇଥିଲା। ଏଥିରେ ବିଚାରକ ଭାବେ ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ, ଗାୟତ୍ରୀ ପ୍ରଧାନ, ତେଜସ୍ୱିନୀ କର, ମନୋଜ କୁମାର ପଣ୍ଡା, ଜିତେନ୍ଦ୍ର ବେହେରା, ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିଭା ଚୟନ କରିଥିଲେ। ଯୋଗଦେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ବିଚାରକମାନେ ପ୍ରତିଭା ଚୟନ କରିଥିଲେ। ସନ୍ଧ୍ୟାରେ କ୍ୟାପ୍‌ଟେନ୍ ଓମ୍‌କାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାକୁ କବି ତଥା ପ୍ରେମ ପୃଥିବୀ ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଟଳ ବିହାରୀ ନାୟକ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭୀମ ଚରଣ ପରିଡ଼ା, ସୂଚନା ଅଧିକାର କର୍ମୀ ବିକାଶ ଧଳ, ଦଳିତ ନେତା ରାଜେନ୍ଦ୍ର ଯେନା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଯୋଗଦେଇ ଅନୁଷ୍ଠାନର ଏପରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ଶିକ୍ଷାବିତ୍ ଅକ୍ଷୟ କୁମାର ମହାନ୍ତି, ନାଟ୍ୟକାର ପ୍ରିୟବ୍ରତ ଭାରତୀ, ଶିକ୍ଷାବିତ୍ ନରେନ୍ଦ୍ର କୁମାର ସାହୁ, କବି ଋତୁରାଜ ଅକ୍ଷୟ, ବିପ୍ଳବ ହୋତା, କୃତୀ ଛାତ୍ରୀ ଋତୁପର୍ଣ୍ଣା ବେହୁରିଆଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ କୃତିଦ୍ୱୀପା କର, ସାମ୍ବାଦିକ ଜୟ ଜଗନ୍ନାଥ ମଲ୍ଲିକ, ଦିଲ୍ଲୀପ କୁମାର ଜେନା, ଦେବଦତ୍ତ ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ବରଗଡ, ନ୍ୟୁଜ୍ ବ୍ୟୁରୋ

ବରଗଡ ଜିଲ୍ଲା ବରପାଲି ସ୍ଥିତ ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ବରପାଲି ସାମ୍ବାଦିକ ସଂଘ ପକ୍ଷରୁ କର୍କଟ ରୋଗ ସଚେତନତା ଶିବିର ସଂଘର ସଭାପତି ଚିତ୍ତ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିକାଶ ମଲ୍ଟି ହସ୍ପିଟାଲର ଏଚଓଡି ସର୍ଜିକାଲ ଡକ୍ଟର ଭରତ ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବରେ ଶ୍ରୀମତି ପ୍ରତିଭା ବାରିକ, ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାର, ତହସିଲଦାର ରୁକ୍ମଣ କୁମାର ମେହେର, ଏନଏସି ଅଧ୍ୟକ୍ଷ ଦିନେଶ ଗହିର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବରପାଲି ଥାନା ଅଧିକାରୀ ପ୍ରମୋଦ କୁମାର ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାର, ଡାକ୍ତର ରେଜେଶ କୁମାର ବେହେରା, ଡାକ୍ତର ନିମାଇଁ ଚରଣ ସାହୁ, ଜଗବନ୍ଧୁ ଦାଶ ଜେଡି ମହିଳା ଅଧକ୍ଷା ଶ୍ରୀମତୀ ପଦ୍ମିନୀ ଦାଶ, ଯୋଗଦାନ କରି କର୍କଟ ରୋଗ ଅଧିକ ସଂକ୍ରମଣ ନହେବ ଏବଂ ସରକାରଙ୍କ ତରଫରୁ ଦିଆଯାଇଥିବା କର୍କଟ ରୋଗର ଟୀକା ଅଧିକରୁ ଅଧିକ ପରିମାଣରେ ୯ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ମାନଙ୍କୁ ଟୀକା ଦେବା ସହିତ କେନ୍ସର ଜାତୀୟ ସଂକ୍ରମଣରୁ ବଞ୍ଚିତ ହେବା ପାଇଁ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ମା ସମଲେଶ୍ୱରୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରିଥିଲେ ।

# ପିଜି କାଉନ୍‌ସିଲ ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟଙ୍କ ନିଯୁକ୍ତିରେ ବ୍ୟତିକ୍ରମ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବିଭିନ୍ନ ପ୍ରସଙ୍ଗକୁ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର ପରିସର ଭିତରକୁ ଆସୁଥିବା ବେଳେ ବର୍ତ୍ତମାନ ପୁଣି ଏକ ପ୍ରସଙ୍ଗକୁ ନେଇ ଚର୍ଚ୍ଚାକୁ ଆସିଛି । ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ବିଭିନ୍ନ ଅନିୟମିତତା ପ୍ରସଙ୍ଗକୁ ନେଇ ଅଭିଯୋଗ ହୋଇଛି । ବର୍ତ୍ତମାନ ପ୍ରଫେସର ଶ୍ରୀମତି ଦାଶଙ୍କ କାର୍ଯ୍ୟକାଳ ଶେଷ ପରେ ମଧ୍ୟ ତାଙ୍କ କଟୋରୀ ଗ୍ରୁପ୍ ପୂର୍ବ ବ୍ୟବସ୍ଥାକୁ ଜାରି ରଖିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି ।

# ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

କଟକ ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ କେନ୍ଦ୍ର ବିଜେପି ସରକାର ଗତ ୧୦ ଦିନ ମଧ୍ୟରେ ଚାରି ଥର ପେଟ୍ରୋଲ, ଡିଜେଲ ଓ ସିଏନଜି ର ଦର ବୃଦ୍ଧି କରିଛନ୍ତି। ରୁଷ ଓ ଇରାନ ଭାରତୀୟ ଟଙ୍କା ବିନିମୟରେ କମ୍ ଦରରେ ଆବଶ୍ୟକ ପରିମାଣର ଅଶୋଧିତ ତେଲ ଭାରତକୁ ଯୋଗାଇବ ବୋଲି ଘୋଷଣା କରିବା ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଚଢ଼ା ଦରରେ ଅମେରିକା ଠାରୁ ଅଶୋଧିତ ତେଲ କିଣୁଛନ୍ତି। ରାଜ୍ୟ ବିଜେପି ସରକାର ମଧ୍ୟ ଭାଟ ହ୍ରାସକରି ସାଧାରଣ ଗ୍ରାହକଙ୍କୁ ମୂଲ୍ୟ ବୃଦ୍ଧିରୁ ରିହାତି ଦେଉନାହାନ୍ତି। ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଫଳରେ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ହେଉଛି। ଅନ୍ୟ ଦିଗରେ ଉକ୍ତ ବେକାରୀ, ଛଟେଇ, ବର୍ଷ ବର୍ଷ ଧରି ଦରମା ବୃଦ୍ଧି ନହେବା, ଫସଲର ଅଭାବୀ ବିକ୍ରି ଇତ୍ୟାଦି ଫଳରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଉଛି। ଏହିଭଳି ପରିସ୍ଥିତିରେ ଦରବୃଦ୍ଧି ସାଧାରଣ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିଛି। ପେଟ୍ରୋଲ ଡିଜେଲ ର ବର୍ଦ୍ଧିତ ଦର ହ୍ରାସ କରିବା ଓ ଆମେରିକା ପରିବର୍ତ୍ତେ ଅନ୍ୟ ଦେଶରୁ ଅଶୋଧିତ ତେଲ ଖରିଦ କରିବା ଦାବିରେ ଆଜି ଏସ ୟୁ ସି ଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଙ୍କ ନେତୃତ୍ୱରେ ଅନୁଷ୍ଠିତ । ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ରବି ବଳବନ୍ତରାୟ ବସନ୍ତ ନାୟକ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇଶା ଧର, ଶିବାନୀ ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋତ୍ସ୍ନା ଦାସ, ସ୍ୱାଧିନୀ ବେହେରା, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର , ଝରଣା ଦାସ, ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟ : ବାହାର ସୁନ୍ଦର, ଭିତର ଫମ୍ପା

ବ୍ରହ୍ମପୁର: ନ୍ୟୁଜ୍ ବ୍ୟୁରୋ

ବିଶ୍ୱବିଦ୍ୟାଳୟର ଏକ ମାତ୍ର କନ୍‌ଷ୍ଟିଟୁଏଂଟ୍ ମହାବିଦ୍ୟାଳୟ ହେଉଛି ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟ । ୧୯୬୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୨୦୧୯-୨୦ ମସିହାରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା । ଦିନ ଥିଲା ଏଠାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମୋଟ ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଥିଲେ । ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାର ଶୀକାର ହୋଇଛି ଏହି ଗୌରବମୟ ଶିକ୍ଷାନୁଷ୍ଠାନ । ୨୫ ଜଣ କର୍ମଚାରୀଙ୍କ ସ୍ଥାନରେ ଅଛନ୍ତି ମାତ୍ର ୯ ଜଣ । ସେଥି ମଧ୍ୟରୁ ଜଣେ ଅଧ୍ୟକ୍ଷ, ଜଣେ ଅଧ୍ୟାପକ, ଜଣେ ପିଅନ, ଜଣେ ସଫେଇ କର୍ମଚାରୀ ଓ ଜଣେ କିରାଣୀଙ୍କ ସମେତ ୪ ଜଣ ଅତିଥି ଅଧ୍ୟାପକ । ହେଲେ ଏଠାରେ ୩ ବର୍ଷୀୟା ଆଇନ୍ ଡ଼ିଗ୍ରୀ ପାଠ୍ୟକ୍ରମରେ ପ୍ରତିବର୍ଷ ୧୬୦ ଜଣ ହିସାବରେ ମୋଟ ୪୮୦ ଏବଂ ଦୁଇ ବର୍ଷିଆ ସ୍ନାତକୋତର ଆଇନ୍ ପାଠ୍ୟକ୍ରମ ରେ ପ୍ରତି ବର୍ଷରେ ୧୬ ଜଣ ଲେଖାଏଁ ୩୨ ଜଣ ଏହିଭଳି ମୋଟ ୫୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟକ୍ଷଙ୍କୁ ମିଶାଇ ଅଛନ୍ତି ମାତ୍ର ୬ ଜଣ ଅଧ୍ୟାପକ । ୨୦୧୮ ମସିହାରୁ ଶିକ୍ଷାନୁଷ୍ଠାନରେ ଜଣଙ୍କୁ ବି ନିୟମିତ ନିଯୁକ୍ତି ଦିଆଯାଇନାହିଁ । ଫଳରେ ଜଣକ ପରେ ଜଣେ ଅବସର ଗ୍ରହଣ କରିବା ସହିତ ଖାଲି ହେବାରେ ଲାଗିଛି ଶିକ୍ଷାନୁଷ୍ଠାନ । ଯଦ୍ୱାରା ବାହାରକୁ ସୁନ୍ଦର ଦିଶୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଭିତରକୁ ସମ୍ପୂର୍ଣ୍ଣ ଫମ୍ପା ଥିବା ଜଣାପଡ଼ିଛି । ଏଠାରେ ଥିବା ଜଣେ ଖେଳ ଶିକ୍ଷକଙ୍କୁ ବିଶ୍ୱବିଦ୍ୟାଳୟକୁ ଡ଼େପୁଟେସନରେ ନିଆଯାଇଛି । ଏଠାରେ ବିରାଟ ଗ୍ରନ୍ଥାଗାର ଥିବା ବେଳେ ତାହାର ଦାୟିତ୍ୱରେ କେହି ଲାଇବ୍ରେରିଆନ୍ ମଧ୍ୟ ନାହାନ୍ତି । ଶିକ୍ଷାନୁଷ୍ଠାନ ପାଇଁ ଅଧ୍ୟକ୍ଷଙ୍କ ସମେତ ଜଣେ ପ୍ରଫେସର, ଜଣେ ରିଡ଼ର, ୩ ଜଣ ଅଧ୍ୟାପକ, ଜଣେ ସେକ୍ସନ୍ ଅଫିସର, ବରିଷ୍ଠ କିରାଣୀ ୪ଜଣ, ୨ଜଣ କନିଷ୍ଠ କିରାଣୀ ଓ ଦୁଇ ଜଣ ପିଅନଙ୍କ ସମେତ ରାତ୍ରୀ ଜଗୁଆଳି ଆଦି ୨୫ ଜଣ କର୍ମଚାରୀଙ୍କ ପଦବୀ ସରକାରଙ୍କ ଦ୍ୱାରା ଅନୁମୋଦିତ ଥିବା ଜଣାପଡ଼ିଛି। ୨୦୨୨ ରୁ ୨୦୨୪ ମସିହା ମଧ୍ୟରେ ଏଠାରୁ ସ୍ନାତକୋତର ଆଇନ୍ ବା ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ କରି ଦେଇଥିଲେ । ବର୍ତ୍ତମାନ ଅଧ୍ୟକ୍ଷଙ୍କ ଉଦ୍ୟମ କ୍ରମେ ପୁଣିଥରେ ଏହି ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ଜଣାପଡ଼ିଛି । ସବୁଠାରୁ ବଡ଼ କଥା ହେଲା ଆଇନ୍ ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଇଣ୍ଡିଆନ୍ ବାର୍ କାଉନ୍‌ସିଲ୍‌ର ଅନୁମୋଦନ ଗତ ୨୦୨୧ ମସିହା ପରଠାରୁ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏପରିକି ଫିଜିକାଲ୍ ଭେରିଫିକେସନ୍ ପାଇଁ ମଧ୍ୟ ଗତ ୭ ବର୍ଷ ଧରି କେହି ଏଠାକୁ ଆସିନଥିବା ସୂଚନା ମିଳିଛି। ଏଥିପାଇଁ ଯଦି କୌଣସି ଟିମ୍ ଆସିଯିବେ ତେବେ ଏଠାକାର କର୍ମଚାରୀଙ୍କ ସ୍ଥିତିକୁ ଦେଖି ଅନୁମୋଦନ ମିଳିବା ତ ଦୂରର କଥା ଏହାକୁ ତୁରନ୍ତ ବନ୍ଦ କରିବାକୁ କହିବେ । ସେହିଭଳି ସରକାରୀ ଶିକ୍ଷାନୁଷ୍ଠାନ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏଠାରେ ଯୁକ୍ତ ଦୁଇ ଶ୍ରେଣୀ ପରେ ୫ ବର୍ଷୀୟା ଇଂଟିଗ୍ରେଟେଡ୍ ଆଇନ୍ ପାଠ୍ୟକ୍ରମ ଆରମ୍ଭ ହୋଇପାରିନଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ଗତ ୨୦୧୧ ମସିହାରୁ ନିୟମିତ ବା ସ୍ଥାୟୀ ଅଧ୍ୟକ୍ଷ ଭାବେ ପ୍ରଫେସର ଏ.ସି ପଟ୍ଟନାୟକ କଲେଜର ସ୍ଥିତିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶହ ଶହ ଚିଠି ଲେଖିଥିଲେ ହେଁ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଇନଥିବା କହିଛନ୍ତି ନିଜେ ଅଧ୍ୟକ୍ଷ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାର ଶୀକାର ଏହି ଏକମାତ୍ର କନଷ୍ଟିଚ୍ୟୁଏଂଟ୍ ଶିକ୍ଷାନୁଷ୍ଠାନ ଦିନକୁ ଦିନ ଅଧୋଗତି ଆଡ଼କୁ ଆସି ଏଭଳି ଦୟନୀୟ ସ୍ଥିତିରେ ପହଂଚିଛି। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବାକୁ ପଛାଇ ନାହାନ୍ତି । ତେବେ ନିକଟରେ ଅଧ୍ୟାପକଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଆଗାମୀ ଦିନରେ ସମସ୍ୟାର ସମାଧାନ ହୋଇ ସ୍ଥିତିରେ ସୁଧାର ଆସିବ ବୋଲି ଆଶା ରଖିଛନ୍ତି ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ ।



32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨ ଜୁନ୍ ୨୦୨୬ ମଙ୍ଗଳବାର





# ରାଜଗାଙ୍ଗପୁରରେ ଡକାୟତି ଯୋଜନା ପଣ୍ଡ:୬ ଗିରଫ

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜଗାଙ୍ଗପୁର ପୋଲିସଙ୍କୁ ବଡ଼ ସଫଳତା । ଡକାୟତି ଯୋଜନା କରିବା ପୂର୍ବରୁ ମାଡ଼ିବସିଲା ପୋଲିସ । ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ବିଳମ୍ବିତ ରାତ୍ରରେ ସ୍ଥାନୀୟ କୁରୁମୁରୁ ପେଟ୍ରୋଲ ପମ୍ପର ପଛ ପଟେ କିଛି ଦୃର୍ବୃତ୍ତ ଏକାଠି ଥିବା କଥା ରାଜଗାଙ୍ଗପୁର ପୋଲିସଙ୍କୁ ଖବର ମିଳିବା ପରେ ଥାନା ପ୍ରଭାରୀ ବିଜୟ କିଶୋର ଦାଶଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉକ୍ତ ସ୍ଥାନକୁ ଘେରାଉ କରି ସମସ୍ତ ଦୃବୃତ୍ତଙ୍କୁ କାବୁ କରିନେଇଥିଲେ । ପୋଲିସ





ସେମାନେଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ଗୋଟିଏ ଖଣ୍ଡା ଦୁଇଟି ଚାକୁ ଦୁଇଟି ଲୁହା ଛଡ଼, ଗୋଟିଏ ଓ ଆର୍ ୧୪ପି – ୨୯୩୯ ହିରୋ ହୁଣ୍ଡା ସ୍ପ୍ଲେଣ୍ଡର ମୋଟର ସାଇକେଲ ଜବତ କରିବା ସହ ଛଅ ଜଣ ଦୁର୍ବୃର୍ତ୍ତଙ୍କୁ ଗିରଫ କରିଥିଲେ । ଗିରଫଙ୍କ ମଧ୍ୟ ରେ ରାବନି ଛକ ନିକଟର ଏମ୍‌ଡି ସମସେର ଆଲାମ ଓରଫ ଡାବୋ (୪୧) ଏବଂ ଏମ୍‌ଡି ସଲିମ (୩୭) ବଗିଚା ପଡାର ଶୁଭମ୍ ସାହୁ ଓରଫ୍ ପିଚୁ (୨୮) ଭଗତ ଟୋଲୀର ନାରାୟଣ ମିଞ୍ଜ (୪୫) ତାଲିକି ପଡାର ସୋନୁ ପଟ୍ଟନାୟକ ଓରଫ୍ ଛୋଟୁ (୩୦) ସିନ୍ଧି ପଡାର ଦିପକ ମାହାତୋ ଓରଫ୍ ଭୋଡା (୩୨)ଙ୍କୁ ନେଇ ଥାନା ପରିସରରେ ରଖି ତଦନ୍ତ କରିବା ପରେ ଜଣାପଡିଲା କି ସେମାନେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ । ପୋଲିସ ଏମାନଙ୍କ ବିରୋଧରେ କେସ୍ ନମ୍ବର ୩୩୩/ ୩୧/୦୫/ ୨୦୨୬ ଧାରା ୟୁ /ଏସ ୩୧୦/(୪)୩୧୦/(୫)ବି ଏନ୍‌ଏସ୍ ଏବଂ ସେକ୍‌ସନ୍ ୨୫ ଆର୍ମି ଧାରାରେ କେସ୍ ରୁଜୁ କରି କୋର୍ଟ ଚାଲାଣ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପି.କେ ମିଶ୍ର ରାଜଗାଙ୍ଗପୁର ଏସ୍‌ଡ଼ିପିଓ ବିଭୁତି ଭୂଷଣ ଭୋଇ ଥାନା ପ୍ରଭାରୀ ବିଜୟ କିଶୋର ଦାଶଙ୍କ ଉପସ୍ଥିତିରେ ପରିସରରେ ଗଣମାଧ୍ୟମଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହି ଚଢ଼ଉରେ ଥାନା ଏସ୍ ଆଇ ଦମୟନ୍ତୀ ମହୋତ, ରାଜେଶ କୁମାର ସେଠୀ, ଅରୁଣ କୁମାର ବେହେରା ଏଏସ୍‌ଆଇ ପ୍ରଶାନ୍ତ କୁମାର ସେନାପତି ହେମନ୍ତ କୁମାର ଧିରୁଆ, ଟି. ନାଗେଶ୍ୱର ରାଓ ପ୍ରମୁଖ ଭାଗ ନେଇଥିଲେ ।

# ବେଆଇନ୍ ଖଣିଜ ଦ୍ରବ୍ୟ ପରିବହନ ଉପରେ ଚଢ଼ଉ
# ୧୯ ଗାଡ଼ି ସହ ୪୦ କି.ଗ୍ରା. ବିସ୍ଫୋରକ ଜବତ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାରେ ବେଆଇନ୍ ଖଣିଜ ପଦାର୍ଥ ପରିବହନ ଏବଂ ବେଆଇନ୍ ଖନନ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଳମ୍ବିତ ରାତିରେ ଜିଲ୍ଲା ଖଣି ଅଧିକାରୀ ଏବଂ କନିଷ୍ଠ ଖଣି ଅଧିକାରୀମାନଙ୍କ ଦ୍ୱାରା ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ସମୁଦାୟ ୧୯ଟି ଗାଡ଼ି ଏବଂ ପ୍ରାୟ ୪୦ କିଲୋଗ୍ରାମ ବେଆଇନ୍ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ସେଥିମଧ୍ୟରୁ ସିମୁଳିଆ ଅଞ୍ଚଳରେ ଚଢ଼ଉ ସମୟରେ ବେଆଇନ୍ ଭାବେ ବାଲି ପରିବହନ କରୁଥିବା ୨ଟି ହାଇୱା ଗାଡ଼ିକୁ ଜବତ କରାଯାଇ ସିମୁଳିଆ ଥାନାରେ ଅଟକ ରଖାଯାଇଛି । ବାଗୁଡ଼ି ସ୍ଥିତ



ବେଆଇନ୍ ପଥର ଖଣି ଅଞ୍ଚଳରେ ଚଢ଼ଉ କରାଯାଇ ପ୍ରାୟ ୪୦ କିଲୋଗ୍ରାମ ବେଆଇନ୍ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଏହି ସାମଗ୍ରୀକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୋରୋ ଥାନାକୁ ହସ୍ତାନ୍ତର କରାଯାଇଛି । ଜଳେଶ୍ୱର ଅଞ୍ଚଳରେ ବେଆଇନ୍ ଭାବେ ମୋରମ ଏବଂ ବାଲି ବୋଝେଇ କରିଯାଉଥିବା ୧୧ଟି ହାଇୱା ଓ ୪ଟି ଟ୍ରାକ୍ଟରକୁ ଜବତ କରାଯାଇ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସର ମଧ୍ୟରେ ଅଟକ ରଖାଯାଇଛି । ଜିଲ୍ଲାରେ ବେଆଇନ୍ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ଏବଂ ବେଆଇନ୍ ଖଣିକୁ ରୋକିବା ପାଇଁ ଆଗାମୀ ଦିନରେ ଏହିଭଳି ଆକସ୍ମିକ ଚଢ଼ଉ ଏବଂ କଠୋର ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଓଜେଏସ୍ ପରୀକ୍ଷା ଆବେଦନ ପ୍ରକ୍ରିୟା ଘୁଞ୍ଚିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ଜୁଡିସିଆଲ୍ ସର୍ଭିସ (ଓଜେଏସ୍)- ୨୦୨୫ ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଘୁଞ୍ଚାଇ ଦିଆଯାଇଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ । ଏଥିସହ ଜୁଲାଇ ୫ରେ ହେବାକୁ ଥିବା ପ୍ରିଲିମ୍‌ନାରୀ ପରୀକ୍ଷା ହେବନାହିଁ । ନୂତନ ତାରିଖ ଧାର୍ଯ୍ୟ ହେବା ପରେ ଆଶାୟୀଙ୍କୁ ଅବଗତ କରାଯିବ ବୋଲି ଶନିବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୩୦ରେ ୭୮ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍) ପଦ ପାଇଁ ଓଜେଏସ୍ ପରୀକ୍ଷା କରାଯିବାକୁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମୋଟ୍ ପଦରୁ ୩୨ଟି ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ରହିଥିବାବେଳେ ଏସ୍‌ଇବିସି ବର୍ଗରେ ୯, ଅନୁସୂଚିତ ଜାତି ବର୍ଗରେ ୧୩, ଅନୁସୂଚିତ ଜନଜାତି ବର୍ଗରେ ୧୮ ଏବଂ ଭିନ୍ନକ୍ଷମ ଆଶାୟୀଙ୍କ ପାଇଁ ୩ ପଦ ସଂରକ୍ଷିତ ରହିଛି । ବିଭିନ୍ନ ବର୍ଗରୁ ମୋଟ୍ ୨୬ ପଦ ମହିଳା ଆଶାୟୀଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି । ଏହି ନିଯୁକ୍ତି ପରୀକ୍ଷା ପାଇଁ ମେ ୮ ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା । ମାତ୍ର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ଓପିଏସ୍‌ସି ପକ୍ଷରୁ ଆବେଦନ ଅବଧି ବୃଦ୍ଧି କରାଯାଇଛି ।

# ‘ଲକ୍ଷ୍ମୀ ବସ୍’ ଚଳାଚଳ ବନ୍ଦ ନେଇ ତୀବ୍ର ଜନ ଅସନ୍ତୋଷ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଗ୍ରାମାଞ୍ଚଳ ପରିବହନର ବିକାଶ ପାଇଁ ‘ମୁଖ୍ୟମନ୍ତ୍ରୀ ବସ୍ ସେବା’ (ଲକ୍ଷ୍ମୀ ବସ୍) ଯୋଜନା ଆରମ୍ଭ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି ଓ ଚକ୍ରାନ୍ତ ଯୋଗୁ ଏହା ଏବେ କାଗଜପତ୍ରରେ ସୀମିତ ରହିଯାଇଛି । କଂଗ୍ରେସ ନେତା ଶ୍ରେୟ ନେଇଯିବା ଭୟରେ ଏବଂ ଶାସକ ଦଳର ଛବି ମଳିନ ପଡ଼ିବା ଆଶଙ୍କାରେ ଉପରୁ ନିର୍ଦ୍ଦେଶ ଆଣି ଚାଲିବାକୁ ଥିବା ବସ୍ ସେବାକୁ ଏ ରୁଟ୍‌ରେ ବନ୍ଦ କରିଦିଆଯାଇଛି । ସରକାରୀ ବାବୁ ଓ ନେତାଙ୍କ ଏଭଳି ମନ୍ଦ ଉଦ୍ଦେଶ୍ୟର ଶିକାର ହୋଇ ଆନନ୍ଦପୁର ପଞ୍ଚାୟତ ସମେତ ବାଲିପାଟଣା, ପାହାଡ଼ପୁର, ମାଲାପୁର ଓ ଉଡେଇପୁର ଗ୍ରାମର ସାଧାରଣ ଲୋକେ ଘୋର ହଇରାଣ ହରକତ ହୋଇଛନ୍ତି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଖଡ଼ିପଦା ଛକରେ ବସ୍‌କୁ ଅଟକାଇ ହୋହଲ୍ଲା କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଧାମନଗର ପୋଲିସକୁ ଘଟଣାସ୍ଥଳରେ ହସ୍ତକ୍ଷେପ କରିବାକୁ ପଡ଼ିଛି । ପରିବହନ ବିଭାଗ ପକ୍ଷରୁ ଏହି ରୁଟ୍ ପାଇଁ ଦିନକୁ ୪ଟି ସମୟରେ ବସ୍ ଚଳାଚଳ କରିବାକୁ ସମୟ ସାରଣୀ ଚୂଡ଼ାନ୍ତ ହୋଇଥିଲା । ନିର୍ଘଣ୍ଟ ଅନୁଯାୟୀ, ପ୍ରଥମ ବସ୍‌ଟି ସକାଳ ୭:୧୩ରେ ପଧାନିରୁ ବାହାରି ୮:୦୭ରେ



ଆନନ୍ଦପୁର ହାତିଡିଆ ଛକ ଓ ୮:୪୮ରେ ଧାମନଗର ବ୍ଲକରେ ପହଞ୍ଚିବାରଥିଲା । ସେହିପରି ଦ୍ୱିତୀୟ ବସ୍ ସକାଳ ୧୦:୨୦ରେ ପଧାନିରୁ ବାହାରି ୧୧:୧ରେ ଆନନ୍ଦପୁର ଓ ୧୧:୫୪ରେ ଧାମନଗର ବ୍ଲକରେ ପହଞ୍ଚିଆନ୍ତା । ତୃତୀୟ ବସ୍‌ଟି ଅପରାହ୍ଣ ଦିନ ୨:୩୪ରେ ଆନନ୍ଦପୁରରେ ପହଞ୍ଚି ପାଞ୍ଚ ମିନିଟ୍ ପରେ ଛାଡ଼ି ୩:୧୪ରେ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବାକୁ ସମୟ ସ୍ଥିର ହୋଇଥିବା ବେଳେ ଚତୁର୍ଥ ବସ୍‌ଟି ଅପରାହ୍ଣ ୪:୨୫ରେ ପଧାନିରୁ ବାହାରି ସନ୍ଧ୍ୟା ୫:୧୯ରେ ଆନନ୍ଦପୁର ଓ ୫:୫୮ରେ ଧାମନଗରରେ ପହଞ୍ଚିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗ୍ରାମାଞ୍ଚଳବାସୀଙ୍କ ସୁବିଧା ପାଇଁ ଏଭଳି ସୁନ୍ଦର ସମୟ ନିର୍ଘଣ୍ଟ କରାଯାଇଥିଲେ ହେଁ ରାଜନୈତିକ କାରଣରୁ ଏହାକୁ କାର୍ଯ୍ୟକାରୀ କରାଗଲାନାହିଁ । ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ଦୀର୍ଘ ୩ ବର୍ଷ ହେବ ଦାବି ହୋଇଆସୁଥିଲା । ସ୍ଥାନୀୟ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଅରୁଣ ପରିଡ଼ା ଓ ରାଜେଶ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରିବା ସହ ଖଡ଼ିପଦାରେ ପୂର୍ବରୁ ୨ ଥର ଆନ୍ଦୋଳନ କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରୁଟ୍ ଚାର୍ଟ ଓ ସମୟ ସାରଣୀ ସହ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହେଲେ ବସ୍ ସେବା ଯୋଗାଉଥିବା ଶାସକ ଦଳର ଜଣେ ପ୍ରଭାବଶାଳୀ କର୍ମୀ ଓ କିଛି ସ୍ଥାନୀୟ ନେତାଙ୍କ ପେଟକୁ ଏହା ହଜମ ହୋଇନଥିଲା । କଂଗ୍ରେସ ନେତାଙ୍କ ଦାବି ଯୋଗୁ ବସ୍ ଚାଲିଲେ ଶାସକ ଦଳର ଭୋଟ୍ ବ୍ୟାଙ୍କ ପ୍ରଭାବିତ ହେବ । ଏହି ସ୍ୱାର୍ଥପର ଚିନ୍ତାଧାରା ରଖି ରାତାରାତି ରାଜନୈତିକ ଚାପ ପ୍ରୟୋଗ କରାଯାଇ ଉପରୁ ନିର୍ଦ୍ଦେଶ ବଳରେ ବସ୍ ଚଳାଚଳକୁ ସ୍ଥଗିତ ରଖାଯାଇଥିବା ଚର୍ଚ୍ଚା ହେଉଛି । କିଛି ଦିନ ପରେ ଏହାକୁ ଏକ ନୂଆ ରୂପ ଦେଇ ଶାସକ ଦଳ ନିଜେ ଶ୍ରେୟ ନେବାକୁ ଏଭଳି ହୀନ ଚକ୍ରାନ୍ତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବସ୍ ଚାଲିବା ଖବରପାଇ ଆନନ୍ଦପୁରବାସୀ ଦୀର୍ଘ ଦିନର ସମସ୍ୟାର ଅନ୍ତ ହେବ ଭାବି ସକାଳୁ ହାତିଡିଆ ଛକରେ ଭୋରୁ ପ୍ରସ୍ତୁତ ହୋଇ ରହିଥିଲେ । ବସ୍‌ର ଡ୍ରାଇଭର ଓ କର୍ମଚାରୀଙ୍କୁ ସ୍ୱାଗତ କରିବା ପାଇଁ ଫୁଲମାଳ ଓ ମିଠା ମଧ୍ୟ କିଣାସରିଥିଲା । ମାତ୍ର ବସ୍ ନଆସିବା ଏବଂ ଉପରୁ ନିର୍ଦ୍ଦେଶ ଯୋଗୁ ଆନନ୍ଦପୁରକୁ ଗାଡ଼ି ଯିବନାହିଁ ବୋଲି ବସ୍ ସୁପରଭାଇଜର ସୁମନ ଦେ ପ୍ରକାଶ କରିବା ପରେ ଲୋକଙ୍କ ଆଶା ଧୂଳିସାତ ହୋଇଯାଇଥିଲା । ମାତ୍ର ୫ ଟଙ୍କାରେ ବ୍ଲକ କାର୍ଯ୍ୟାଳୟକୁ ଯିବାର ଯେଉଁ ସ୍ୱପ୍ନ ସରକାର ଦେଖାଇଥିଲେ, ତାହା ନିଜ ଦଳର ନେତାଙ୍କ ପାଇଁ ପାଣିଚିଆ ହୋଇଗଲା । କ୍ଷୁବ୍ଧ ଗ୍ରାମବାସୀ ତୁରନ୍ତ ଖଡ଼ିପଦା ଛକକୁ ଯାଇ ପଧାନିରୁ ଆସୁଥିବା ବସ୍‌କୁ ଅଟକାଇ ଉଗ୍ର ରୂପ ଧାରଣ କରିଥିଲେ । ଶେଷରେ ଧାମନଗର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ବସ୍‌କୁ ଥାନାକୁ ନେଇଯିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା । ରାଜନୈତିକ ଆକ୍ରୋଶରୁ ଜନସାଧାରଣଙ୍କୁ ଏଭଳି ସେବାରୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି ।

# ଏସ୍‌ଆଇଆର୍‌ର ସଫଳତା ପାଇଁ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାରେ ସଫଳ କରିବା ପାଇଁ ଶୁକ୍ରବାର ଦିନ ଜିଲ୍ଲାପାଳ ଡ. ନୃପରାଜ ସାହୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି । ସେ ଏହି ଅବସରରେ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଏସ୍‌ଆଇଆର୍‌ର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ୍ କରିବା ସହ ନକଲି, ସ୍ଥାନାନ୍ତରିତ ଓ ଅଯୋଗ୍ୟ ନାମଗୁଡିକୁ ଅପସାରଣ କରିବା । ମତଦାତାଙ୍କର ତଥ୍ୟରେ ଆବଶ୍ୟକ ସଂଶୋଧନ ଓ ସଠିକ୍ ଏବଂ ନିର୍ଭୁଲ୍ ଭୋଟର ତାଲିକା ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ସାଧାରଣ ଜନତାଙ୍କର ସହଯୋଗ ଓ ସମର୍ଥନ କାମନା କରୁଛି । ଜିଲ୍ଲା ପ୍ରଶାସନଙ୍କର ନାଗରିକମାନଙ୍କ ପାଖରେ ଏକମାତ୍ର ଅନୁରୋଧ ହେଉଛି, ସେମାନେ ବିଏଲ୍‌ଓ ମାନଙ୍କ ସହ ସକ୍ରିୟ ଭାବେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସହଭାଗୀ ହେବେ । ଘରେ ଘରେ ଯାଇ ଯାଞ୍ଚ କାର୍ଯ୍ୟ କରୁଥିବା ବିଏଲ୍‌ଓ ମାନଙ୍କୁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଉଛି । ଜନସାଧାରଣଙ୍କ ସୁବିଧା ପାଇଁ କଲେକ୍ଟର କାର୍ଯ୍ୟାଳୟ ଏବଂ ସମସ୍ତ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ହେଲ୍ପଡେସ୍କ ବ୍ୟବସ୍ଥା କରାଯାଇଛି । ଏହା ସହିତ ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ସମ୍ପର୍କ କରାଯାଇପାରିବ । ସ୍ୱଚ୍ଛ, ନିର୍ଭୁଲ୍ ଓ ଅଂଶଗ୍ରହଣ ମୂଳକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ପ୍ରତିବଦ୍ଧ ବୋଲି ସୂଚନା ଦିଆଯାଇଥିଲା । ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟାରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଡିଆଇପିଆର୍‌ଓ ପ୍ରିତୀ ସୁନା ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଶେରଗଡ଼ ସିଏଚ୍‌ସିର ବରିଷ୍ଠ ନାଗରିକମାନଙ୍କ ଆୟୁଷ୍ମାନ କାର୍ଡ କରାଯାଇନଥିବା ଅଭିଯୋଗ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଶେରଗଡ଼ ସିଏଚ୍‌ସିର ବହୁ ବରିଷ୍ଠ ନାଗରିକଙ୍କ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ କରାଯାଇନଥିବା ଅଭିଯୋଗ ହୋଇଛି । ୭୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଆୟୁଷ୍ମାନ୍ ବୟୋବନ୍ଦନା କାର୍ଯ୍ୟକ୍ରମରେ ସାମିଲ୍ କରିବାକୁ ସରକାର ନିର୍ଦ୍ଦେଶ ଜାରି କରିଥିଲେ ମଧ୍ୟ ଶେରଗଡ ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏଥିରୁ ବାଦ୍ ପଡିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଗଞ୍ଜାମ ସିଡିଏମ୍‌ଓ ଏବଂ ଶେରଗଡ ସିଏଚ୍‌ସି ଚିକିତ୍ସା ଅଧିକାରୀ ଘଟଣାର ଅନୁଧ୍ୟାନ କରିବାକୁ ସାଧାରଣରେ ଦାବି ହେଉଛି ।

# ଦକ୍ଷିଣ ଓଡ଼ିଶାର ସମ୍ପୂର୍ଣ୍ଣ ଆର୍ଥିକ ସମ୍ଭାବନାକୁ ନୂତନ ଗତି ଦେବ ରାୟଗଡ଼ା ରେଳ ମଣ୍ଡଳ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଏହି ଅଞ୍ଚଳରେ ରେଳ ସଂଯୋଗୀକରଣର ମୁଖ୍ୟ କେନ୍ଦ୍ର ପାଲଟିବାକୁ ଯାଉଛି; ୦୧.୦୬.୨୦୨୬ ତାରିଖରୁ ଏହା କାର୍ଯ୍ୟକ୍ଷମ ହେବା ସହିତ ନୂତନ କାର୍ଗୋ ଟର୍ମିନାଲ୍ ଓ ପ୍ରାୟ ୨୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ଯୋଜନା ଏହି ଆଦିବାସୀ ଅଞ୍ଚଳକୁ ଏକ ଶିଳ୍ପ ଓ ବାଣିଜ୍ୟ କେନ୍ଦ୍ରରେ ପରିଣତ କରିବାର ମାର୍ଗ ପ୍ରସ୍ତୁତ କରୁଛି । ଦଶନ୍ଧି ଦଶନ୍ଧି ଧରି, ଦକ୍ଷିଣ ଓଡ଼ିଶାର ସବୁଜ ପାହାଡ଼ ଏବଂ ଖଣିଜ ସମ୍ପଦରେ ଭରପୂର ଉପତ୍ୟକାଗୁଡ଼ିକ ଭାରତର ଅର୍ଥନୈତିକ ମାନଚିତ୍ରର ପାର୍ଶ୍ୱରେ ରହିଆସିଛି । ପୂର୍ବତଟ ରେଳପଥ ଅଧୀନରେ ନୂତନ ରାୟଗଡ଼ା ରେଳ ମଣ୍ଡଳ (Rayagada Railway Division) ଗଠନ ଏକ ଐତିହାସିକ ପ୍ରଶାସନିକ ମାଇଲଖୁଣ୍ଟ, ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବାଣିଜ୍ୟ, ଶିଳ୍ପ ଏବଂ ସୁଯୋଗର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିବ । ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ରାୟଗଡ଼ା ଠାରେ ମଣ୍ଡଳ ରେଳ ପ୍ରବନ୍ଧକ (DRM)ଙ୍କୁ ଅବସ୍ଥାପିତ କରିବା । ଏହାଦ୍ୱାରା ରାଜ୍ୟ ସରକାରଙ୍କ ଅଧିକାରୀ, ଜିଲ୍ଲାପାଳ, ଶିଳ୍ପସଂସ୍ଥା ଏବଂ ଆଦିବାସୀ ସମ୍ପ୍ରଦାୟ ସହିତ ସମନ୍ୱୟ ରକ୍ଷା କରିବା ଅଧିକ ଦ୍ରୁତ, ସହଜ ଓ ସ୍ୱଚ୍ଛନ୍ଦ ହେବ । ପଶ୍ଚିମ ଓଡ଼ିଶା ପାଇଁ ସମ୍ବଲପୁର ଯାହା, ଦକ୍ଷିଣ ପାଇଁ ରାୟଗଡ଼ା ସେୟା ହେବ । ଏହା ଦକ୍ଷିଣ ଓଡ଼ିଶାର ରେଳ ବିକାଶର ସ୍ନାୟୁ କେନ୍ଦ୍ର ପାଲଟିବ । ନୂତନ ଡିଭିଜନ ମାଧ୍ୟମରେ ପ୍ରାୟ ୬୦୦ରୁ ଅଧିକ ଅଧିକାରୀ ଓ ରେଳ କର୍ମଚାରୀ ରାୟଗଡ଼ାରେ କାର୍ଯ୍ୟରତ ହେବେ । ସେମାନଙ୍କର ଉପସ୍ଥିତି ସ୍ଥାନୀୟ ଅର୍ଥନୀତିକୁ ବଡ଼ ଉତ୍ସାହ ଦେବ । ହୋଟେଲ, ବିଦ୍ୟାଳୟ, ହସ୍ପିଟାଲ, ଦୋକାନ ଓ ସେବା କ୍ଷେତ୍ରଗୁଡ଼ିକ ଏଥିରୁ ସିଧାସଳଖ ଲାଭାନ୍ୱିତ ହେବେ । ରେଳ କଲୋନୀ ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ସାଧାରଣତଃ ନଗର ବିକାଶର ମୂଳ ଆଧାର ହୋଇଥାଏ ଏବଂ ରାୟଗଡ଼ା ମଧ୍ୟ ସେହି ପଥରେ ଅଗ୍ରସର ହେବାର ସମ୍ଭାବନା ରହିଛି । ଏହା ସହିତ ସ୍ଥାନୀୟ ଠିକାଦାର, ପରିବହନ ବ୍ୟବସାୟୀ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ । ରାୟଗଡ଼ା ଡିଭିଜନର ମାଲ ପରିବହନର ମୂଳ ଆଧାର ହିସାବରେ କିରଣ୍ଡୁଲ – ବଚେଲି ଖଣି କ୍ଷେତ୍ରରୁ ଲୁହାପଥର ପରିବହନ ଜାରି ରହିବ । ଆଗାମୀ ଦିନରେ ମୂଲ୍ୟ ସଂଯୋଜିତ ଶିଳ୍ପ ପଦାର୍ଥ ଯଥା ଲୁହା ଓ ଇସ୍ପାତ, ସ୍ଲାଗ୍, ଫ୍ଲାଏ ଆଶ୍, ରେଡ୍ ମଡ୍ ଆଦିର ପରିବହନ ଅଧିକ ବୃଦ୍ଧି ପାଇବ । ବକ୍ସାଇଟ୍ ମଧ୍ୟ ଏକ ପ୍ରମୁଖ ପଣ୍ୟ ଭାବେ ରହିବ ଏବଂ ପ୍ରାୟ ୨.୬୫ ମିଲିୟନ ଟନ୍ ଲୋଡିଂରେ ଅବଦାନ ରଖିବ । ଖାଦ୍ୟଶସ୍ୟ ପରିବହନ ମଧ୍ୟ ବୃଦ୍ଧି ପାଇବ, ବିଶେଷ କରି MSP କ୍ରୟ ଓ ସାର୍ବଜନୀନ ବିତରଣ ବ୍ୟବସ୍ଥା ପାଇଁ । ମାଲକାନଗିରି ଓ ନବରଙ୍ଗପୁର ପରି ଜିଲ୍ଲାରେ ନୂତନ ରେଳ ସଂଯୋଗ ହେବା ପରେ ଏହି ପରିବହନ ଆହୁରି ବଢ଼ିବ । ଭବିଷ୍ୟତର ବିକାଶ ପାଇଁ ରାୟଗଡ଼ା ଡିଭିଜନ ନୂତନ ଗତି ଶକ୍ତି କାର୍ଗୋ ଟର୍ମିନାଲ୍ (GCT) ଏବଂ ବେସରକାରୀ ସାଇଡିଂର ଏକ ନେଟ୍‌ୱର୍କ ପ୍ରତିଷ୍ଠା କରିବ । ଏଥିରେ ସିଙ୍ଗାପୁରମ୍‌ଠାରେ ଆଲୁମିନା ସାଇଡିଂ, ଭାନ୍ସିଠାରେ NMDCର ନୂଆ ଓର-ଲୋଡିଂ ସୁବିଧା, ଭେଜା ବଲ୍କ କାର୍ଗୋ ସାଇଡିଂ ଏବଂ ଇସ୍ପାତ ଓ ଆନୁଷଙ୍ଗିକ ଉତ୍ପାଦ ଉପରେ କେନ୍ଦ୍ରୀଭୂତ ମାଲ୍ଲିଭିଡ଼ୁ ଶିଳ୍ପ ସାଇଡିଂ ଅନ୍ତର୍ଭୁକ୍ତ । ଏହାସହ ପ୍ରମୁଖ ବେସରକାରୀ ସାଇଡିଂ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ବିଦ୍ୟମାନ ଶିଳ୍ପ କେନ୍ଦ୍ରଗୁଡ଼ିକରେ କ୍ଷମତା ବୃଦ୍ଧି କରିବେ । ଏହି ଡିଭିଜନ୍ ବିପୁଳ ଅବ୍ୟବହୃତ ମାଲ ପରିବହନ ସମ୍ଭାବନାକୁ ମଧ୍ୟ ଉନ୍ମୁକ୍ତ କରିବ । ଧାନ, ହଳଦୀ, ଅଦା ଓ ଡାଲି ଜାତୀୟ କୃଷି ଜାତ ଦ୍ରବ୍ୟ ସହ ତେନ୍ତୁଳି, ବାଉଁଶ ଓ ମହୁଲ ଭଳି ବନଜାତ ଦ୍ରବ୍ୟ ସଡ଼କ ପରିବହନ ବଦଳରେ ରେଳ ପରିବହନ ଆଡ଼କୁ ଅଧିକ ମୁହାଁଇବ । ଶିଳ୍ପ ଉତ୍ପାଦନ ଏବଂ ଗ୍ରାହକ ବଜାରର ସମ୍ପ୍ରସାରଣ ସହିତ କଣ୍ଟେନରାଇଜ୍ଡ ଲଜିଷ୍ଟିକ୍ସ (Containerised logistics) ଅନ୍ୟ ଏକ ବିକାଶର କ୍ଷେତ୍ର ଭାବେ ଉଭା ହେବ । ଗନ୍ଧମାର୍ଦ୍ଦନ ଖଣିରୁ ଗୋଆଲଡିହ ରେଳ ସଂଯୋଗ ଭଳି ଆଗାମୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହି ନୂତନ ପରିବହନକୁ ସାଉଣ୍ଟିବାରେ ସାହାଯ୍ୟ କରିବ ଏବଂ ରାୟଗଡ଼ା ଡିଭିଜନକୁ ଭାରତୀୟ ରେଳ ନେଟ୍‌ୱର୍କରେ ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ମାଲ ପରିବହନ କରିଡର ଭାବେ ପ୍ରତିଷ୍ଠା କରିବ । ଏହି ଡିଭିଜନ୍ ପ୍ରାୟ ୪୦ ମିଲିୟନ ଟନ୍ (MT)ରୁ ଅଧିକ ମାଲ ପରିବହନ କରିବ ବୋଲି ଆଶା କରାଯାଉଛି, ଯାହା ଏହାର ରୋଜଗାର ସମ୍ଭାବନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ । ଏହି ଟର୍ମିନାଲ୍‌ଗୁଡ଼ିକର ଗୁରୁତ୍ୱ କେବଳ ପରିବହନ ଲକ୍ଷ୍ୟ ମଧ୍ୟରେ ସୀମିତ ନୁହେଁ । କାର୍ଗୋ ଟର୍ମିନାଲ୍‌ଗୁଡ଼ିକ ଶିଳ୍ପ କ୍ଲଷ୍ଟରିଂ, ଯେପରିକି ଗୋଦାମ ଗୃହ, ଲଜିଷ୍ଟିକ୍ସ ଫର୍ମ, ପ୍ୟାକେଜିଂ ୟୁନିଟ୍ ଏବଂ ଉତ୍ପାଦନ ଆନୁଷଙ୍ଗିକ ସଂସ୍ଥାଗୁଡ଼ିକୁ ସେହି ଅଞ୍ଚଳକୁ ଆକର୍ଷିତ କରିବ । ଯେଉଁ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟ ଦୀର୍ଘଦିନ ଧରି ଆନୁଷ୍ଠାନିକ ଅର୍ଥନୈତିକ ଅଂଶଗ୍ରହଣରୁ ବଞ୍ଚିତ ରହିଛନ୍ତି, ସେଠାରେ ଏଭଳି ଭିତ୍ତିଭୂମି ନିଯୁକ୍ତିର ନୂଆ ପଥ ପ୍ରଶସ୍ତ କରିବ । ନୂତନ ଭାବେ ଗଠିତ ଏହି ମଣ୍ଡଳ ଦକ୍ଷିଣ ଓଡ଼ିଶା ଏବଂ ଆଖପାଖ ଅଞ୍ଚଳରେ ପ୍ରାୟ ୧୩୬୦ କିଲୋମିଟର ବ୍ୟାପ୍ତ ଏବଂ ପାଖାପାଖି ୨୦,୦୦୦ କୋଟି ଟଙ୍କାର ବିନିଯୋଗ ସହିତ ଅନେକ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ନିରୀକ୍ଷଣକୁ ଯଥେଷ୍ଟ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

# ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସାରା ଜିଲ୍ଲାରେ ଇ-ଅକ୍ସନ୍ ଜରିଆରେ ଶହ ଶହ ନୂତନ ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେହି ଅନୁସାରେ କେନ୍ଦ୍ରାପଡାରେ ମଧ୍ୟ ବହୁ ସଂଖ୍ୟକ ନୂତନ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି ସରକାର କ୍ଷମତାକୁ ଆସିଲେ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପରିତାପର ବିଷୟ ଯେ କ୍ଷମତାକୁ ଆସିବା ପରେ ନୂତନ ମଦ ଦୋକାନ ଖୋଲିବା ପାଇଁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରାଯାଇ ଧାରଣା ଦେବା ସହ ଏକ ସଭା କରି ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟକୁ ନିଶାମୁକ୍ତ ଓ ନୂତନ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଅଧ୍ୟାପକ ଅଜୟ କୁମାର ସାମଲ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ, ଅବନ୍ତି ବେହେରା, ସୁହାନା ବେଗମ୍, ପ୍ରଫୁଲ୍ଲ ଦାସ, ଭାଗିରଥି ଜେନା, ବିଷ୍ଣୁ ପ୍ରିୟା ପଣ୍ଡା, ଗୋବିନ୍ଦ ଚନ୍ଦ୍ର ନନ୍ଦ, ମୁକ୍ତାର ଖାଁ, ନିରୁପମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୨ ଶୁକ୍ର / ଲଗ୍ନ | ୧୨ ମ | ଶ ୧୧ / ୧୦ ରା |
| ୩ ବୃ | ୧୧ / ୯ | ୯ |
| ୪ କେ / ୫ | ୬ | ୭ / ୮ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨।୦୬।୨୦୨୬, ଜୈଷ୍ଠ (ମଳ) ଦି୧୯ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ ୫।୦୮।୩୨ ଚନ୍ଦ୍ରୋଦୟ- ରାଘ ୮।୧୭।୫୧**
ଦ୍ୱିତୀୟା ସଂଘ ୬।୦୩ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର ରାଘ ୧୦।୦୮ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ସଂଘ ୬।୦୩ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୨ ଗତେ ଦିଘ ୬।୫୦ ମଧ୍ୟେ, ଦିଘ ୯।୩୫ ଗତେ ଦିଘ ୧୨।୧୩ ମଧ୍ୟେ ।

**ମେଷ:** ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ସାଧନାରେ ସିଦ୍ଧି ଲାଭ କରିବେ । ଶତ୍ରୁ ପରାସ୍ତ ହେବେ । ବ୍ୟବସାୟିକ କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଦେଖାଦେଇପାରେ । ରୋଜଗାର ସ୍ଥିର ରହିବ । ଘରେ ଦୁଶ୍ଚିନ୍ତା ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଠକାମିର ଶିକାର ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ ।

**ମିଥୁନ:** ଶରୀର ସୁସ୍ଥ ରହିବ । ହଠାତ୍ ଶୁଭ ଖବର ପାଇପାରନ୍ତି । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଧନ ଲାଭ ହେବ । ପାରିବାରିକ ଜୀବନ ସୁଖମୟ ହେବ । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**କର୍କଟ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ଦେବ ଦର୍ଶନ ସହ ଦେବ ପୂଜାର ସୁଯୋଗ ଜୁଟିପାରେ ।

**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଲାଭ ।

**କନ୍ୟା:** ଲକ୍ଷ୍ୟ ହାସଲ କରିବାରେ ସଫଳ ହେବେ । ବ୍ୟବସାୟିକ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ବାତାବରଣ ଖେଳିବ । ମାଲିମୋକଦ୍ଦମାରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ତୁଳା:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ ।

**ବିଛା:** ଶତ୍ରୁମାନଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର । ଆୟ ଓ ବ୍ୟୟ ସମାନ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ଘରେ ଅସହଯୋଗ ଦେଖାଦେବ । ମନ ଅସ୍ଥିର ରହିବ ।

**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଘରେ ସୁଖ ଶାନ୍ତି ଲାଭ ହେବ ।

**ମକର:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବିବଦୀୟ କ୍ଷେତ୍ରରୁ ଦୂରେଇ ରୁହନ୍ତୁ । ରୋଜଗାର ସ୍ଥିର ରହିବ । ଘରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ ।

**କୁମ୍ଭ:** ଦିନଟି ଆପଣଙ୍କର ସେତେ ଭଲରେ ବିତିବନାହିଁ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ବ୍ୟବସାୟରେ କ୍ଷତି ଦେଖାଦେବ । ଖର୍ଚ୍ଚର ମାତ୍ରା ଅଧି କହେବ । ଘରେ ଅଶାନ୍ତି ଓ କଳହର ସୂଚନା ।

**ମୀନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ଆନନ୍ଦ ଦେଖାଦେଇପାରେ । ଭ୍ରମଣ କରିବାର ସୁଯୋଗ ରହିଛି ।

## ନିଷ୍ଠା ପରିବାର ପକ୍ଷରୁ ଅଜଣା ଶବ ସତ୍କାର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ସକାଳ ୭.୩୦ ସମୟରେ ବରଗଡ଼ ସ୍ଥିତ ଏକ ପୋଖରୀରେ ଜଣେ ଯୁବକର ମୃତଦେହ ଭାସୁଥିବା ଖବର ପାଇଥିଲେ ଟାଉନ୍ ଥାନା ପୋଲିସ । ପୋଲିସ ଦ୍ୱାରା ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରିବା ପରେ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା । ପୋଲିସର ବହୁ ଚେଷ୍ଟା ପରେ ବି ତାଙ୍କର କୌଣସି ପରିଚୟ ନମିଳିବାରୁ ଟାଉନ୍ ଥାନା ବରଗଡ଼ ନିଷ୍ଠା ପରିବାରକୁ ଶବ ସତ୍କାର ପାଇଁ ଏକ ଲିଖିତ ଅନୁମତି ପତ୍ର ପ୍ରଦାନ ପରେ ନିଷ୍ଠା ପରିବାର ତରଫରୁ ସସମ୍ମାନେ ଅଜଣା ଯୁବକଙ୍କ ଶବ ସତ୍କାର କରାଯାଇଥିଲା । ଏହି ମହତ କାର୍ଯ୍ୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବରଗଡ଼ର ଡେପୁଟୀ କଲେକ୍ଟର ତଶକ ରାଜ ଭିତ୍ରିଆ, ଟାଉନ୍ ଥାନା ଏ.ଏସ୍.ଆଇ ଚିନ୍ମୟ ରାଉଳ, ମହିଳା କନେଷ୍ଟବଳ କୁମୋଦିନୀ ଦାଶ ଉପସ୍ଥିତ ଥିଲେ । ନିଷ୍ଠା ପରିବାରର ସଂଯୋଜକ ମାନସ ମେହେର ଓ ଶୁଭ୍ରାଂଶୁ ସରାଫ ଶବ ସତ୍କାର କରିଥଲେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୩।୦୬।୨୦୨୬, ଜୈଷ୍ଠ (ମଳ) ଦି୨୦ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୨୮ ଚନ୍ଦ୍ରୋଦୟ- ରାଘ ୯।୦୫।୧୬**
ତୃତୀୟା ରାଘ ୯।୨୫ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର ରାଘ ୧୨।୫୯ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୯।୦୫ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୪୯ ଗତେ ଦିଘ ୮।୨୯ ମଧ୍ୟେ, ଦିଘ ୧୦।୦୮ ଗତେ ଦିଘ ୧୧।୧୯ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ହିଂସାର ଛାଇତଳେ ଲକ୍ଷ ଲକ୍ଷ ଶିଶୁ

ବିଶ୍ୱ ଅଶାନ୍ତ ସମୟ ଦେଇ ଗତି କରଥିବା ବେଳେ, ଦାରିଦ୍ର୍ୟ, ଭୋକ, ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଅସ୍ତିତ୍ୱଗତ ବିପଦ ପୂର୍ବରୁ ଦେଖାଦେଇଛି । ସମସ୍ତଙ୍କ ସାମ୍ନାରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି କେବଳ ବର୍ତ୍ତମାନକୁ ପରିଚାଳନା କରିବା ନୁହେଁ ବରଂ ଭବିଷ୍ୟତକୁ ସୁରକ୍ଷିତ କରିବା । ନୂତନ ପିଢ଼ି ହେଉଛି ଯେକୌଣସି ସମାଜ ଏବଂ ଦେଶର ଆସନ୍ତାକାଲିର ମୂଳଦୁଆ । କିନ୍ତୁ ଯେତେବେଳେ ବିଶ୍ୱର ଲକ୍ଷ ଲକ୍ଷ ଶିଶୁ ହିଂସା, ଶୋଷଣ, ଅବହେଳା, ଅସମାନତା ଏବଂ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ଶିଶୁ ସୁରକ୍ଷାକୁ ନେଇ ଉଠେ ଢ଼େର ପ୍ରଶ୍ନ । ପ୍ରତିବର୍ଷ ଜୁନ୍ ୧ ତାରିଖରେ ପାଳିତ ହେଉଥିବା ଆନ୍ତର୍ଜାତୀୟ ଶିଶୁ ସୁରକ୍ଷା ଦିବସ, ସମସ୍ତ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ପାଇଁ ବିଶ୍ୱକୁ ପ୍ରେରଣା ଦିଏ, ସେମାନଙ୍କୁ ସମାନ ସୁଯୋଗ, ପ୍ରେମ, ସମର୍ଥନ ପ୍ରଦାନ କରେ । ଏହି ଦିନଟି ଆମକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପ୍ରେରଣା ଦିଏ ଯାହା ଦ୍ୱାରା ପିଲାମାନେ ବିନା ଭେଦଭାବରେ ବଢ଼ିପାରିବେ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱାଦ ପାଇପାରିବେ । ବର୍ତ୍ତମାନର ବିଶ୍ୱ ପରିଦୃଶ୍ୟକୁ ଦୃଷ୍ଟିରେ ରଖି, ଏହି ଦାୟିତ୍ୱ ସମସ୍ତଙ୍କ ପାଇଁ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଆଜି, ଶିଳ୍ପୋନ୍ନତ ଦେଶଗୁଡ଼ିକରେ, ବିକାଶଶୀଳ ଦେଶଗୁଡ଼ିକ ପରି, ପିଲାମାନେ ଧନୀ ହୁଅନ୍ତୁ କିମ୍ବା ପଛୁଆ ପୃଷ୍ଠଭୂମିରୁ ଆସିଥାନ୍ତୁ ଏବେ ବି ଭେଦଭାବ, ନିର୍ଯାତନା ଏବଂ ଶୋଷଣର ଶିକାର ହେଉଛନ୍ତି । ବିଶ୍ୱବ୍ୟାପୀ ଶିଶୁ ସୁରକ୍ଷା ଅଧିକାର ଉପରେ ଏକ ରିପୋର୍ଟ ଦାବି କରେ ଯେ ପ୍ରତିବର୍ଷ ୫୦ କୋଟିରୁ ୧୫ କୋଟି ଶିଶୁ ହିଂସାର ଶିକାର ହେଉଛନ୍ତି । ଏହା ସହିତ, ପ୍ରତିବର୍ଷ ପ୍ରାୟ ୧୫୦ କୋଟି ଝିଅ ଏବଂ ୭୦ କୋଟି ପୁଅ ଯୌନ ଶୋଷଣର ଶିକାର ହେଉଛନ୍ତି । ଶୋଷଣର ଅଧିକାଂଶ ଘଟଣା ପରିବାର ମଧ୍ୟରେ ଘଟୁଛି କିମ୍ବା ଶିଶୁ ଶ୍ରମିକ ଭଳି ପରିସ୍ଥିତିରେ ଘଟୁଛି । ପରିସ୍ଥିତି ଏତିକିରେ ଶେଷ ହୋଇ ନାହିଁ । ପ୍ରତିଦିନ, ସାରା ବିଶ୍ୱରେ ଲକ୍ଷ ଲକ୍ଷ ପିଲା ଭେଦଭାବର ଶିକାର ହେଉଛନ୍ତି । ସେମାନେ ଅପମାନଜନକ, ଆପତ୍ତିଜନକ ନିର୍ଯାତନା କିମ୍ବା ଆହୁରି ଖରାପ ହିଂସାର ଶିକାର ହେଉଛନ୍ତି । ଅତ୍ୟନ୍ତ ଦୁର୍ବଳ ପରିସ୍ଥିତିରେ ଏହି ପିଲାମାନଙ୍କର କୌଣସି ଉପାୟ ନାହିଁ ଏବଂ ସେମାନେ ନିଜକୁ ରକ୍ଷା କରିବାରେ ଅକ୍ଷମ । ଉନ୍ନତି ହେବା ପରିବର୍ତ୍ତେ ପରିସ୍ଥିତି ଆହୁରି ଖରାପ ହେଉଛି । ଖାଦ୍ୟ ସଙ୍କଟ ଉପରେ ବିଶ୍ୱ ରିପୋର୍ଟ (GRFC) ଅନୁଯାୟୀ, ୨୦୨୪ ମସିହାରେ ୫୩ଟି ଦେଶ ଏବଂ ଅଞ୍ଚଳର ୨୯.୫ କୋଟିରୁ ଅଧିକ ଲୋକ ତୀବ୍ର ଭୋକର ସମ୍ମୁଖୀନ ହୋଇଥିଲେ । ଏହି ସମୟରେ, ସେଭ୍ ଦି ଚିଲ୍ଡ୍ରେନ୍ ରିପୋର୍ଟ କରିଛି ଯେ ୨୦୨୪ ମସିହାରେ ୧୮.୨ ମିଲିୟନ ଶିଶୁ କ୍ଷୁଧା ପରିସ୍ଥିତିରେ ଜନ୍ମ ହୋଇଥିଲେ, ଯାହାକି ୨୦୧୯ ତୁଳନାରେ ୧୯ ପ୍ରତିଶତ ଅଧିକ ଅଟେ । କୁପୋଷଣ ଏବଂ ଖାଦ୍ୟ ସୁରକ୍ଷା ପିଲାମାନଙ୍କ ବୃଦ୍ଧି, ଶିକ୍ଷଣ ଏବଂ ବଞ୍ଚିବା ଉପରେ ପ୍ରଭାବ ପକାଏ । ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ, ୫ ବର୍ଷରୁ କମ୍ ବୟସର ୧୫୦.୨ ମିଲିୟନ ପିଲାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା, ୪୨.୮ ମିଲିୟନ ପିଲାଙ୍କ ଶରୀର ପତଳା ହୋଇଯାଇଥିଲା ଏବଂ ୩୫.୫ ମିଲିୟନ ପିଲାଙ୍କ ଶରୀରର ଓଜନ ଅଧିକ ଥିଲା । ବିଶ୍ୱ ଅଶାନ୍ତି ମଧ୍ୟ ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଯେତେବେଳେ ସ୍କୁଲଗୁଡ଼ିକୁ ବୋମା ମାଡ଼ କରାଯାଏ କିମ୍ବା ସାମରିକ ବାରାକରେ ପରିଣତ କରାଯାଏ, ଶିକ୍ଷା ବ୍ୟବସ୍ଥା ଯୁଦ୍ଧର ଶିକାର ହେବାକୁ ବାଧ୍ୟ ହୁଏ । ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ପିଲାଙ୍କ ପାଇଁ, ହିଂସାତ୍ମକ ସଂଘର୍ଷର ମୂଲ୍ୟ କେବଳ ଶିକ୍ଷାର କ୍ଷତି ନୁହେଁ, ବରଂ ସେମାନଙ୍କର ସୁରକ୍ଷା, ସ୍ଥିରତା ଏବଂ ଭବିଷ୍ୟତର ମଧ୍ୟ କ୍ଷତି ।ଜାନୁଆରୀ ୨୦୨୬ ର ୟୁନିସେଫ୍ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୨୩ କୋଟି ୪୦ ଲକ୍ଷରୁ ଅଧିକ ସ୍କୁଲ ବୟସର ପିଲା ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮.୫ କୋଟି ପିଲା ସ୍କୁଲ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି କିମ୍ବା କୌଣସି ଶିକ୍ଷା ପାଇ ନାହାଁନ୍ତି । ୟୁନିସେଫ୍ ରିପୋର୍ଟରେ ଦାବି କରିଛି ଯେ ୨୦୨୬ ଶେଷ ସୁଦ୍ଧା ଆହୁରି ୬୦ ଲକ୍ଷ ପିଲା ସ୍କୁଲ ବାହାରେ ରହିପାରନ୍ତି । ଏହି ପରିସ୍ଥିତିରେ, ସବୁ ସମୟରେ ଏବଂ ସବୁ ସ୍ଥାନରେ ପିଲାମାନଙ୍କୁ ସୁରକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ପାରଳା ମହାରାଜା,ଭାଷା ଆନ୍ଦୋଳନର ପୁରୋଧା,ପ୍ରଜାବତ୍ସଳ, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୮୯୨ ମସିହା ଅପ୍ରେଲ ୨୬ ତାରିଖ ରେ ପାରଳାଖେମୁଣ୍ଡି ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ମାତାଙ୍କ ନାମ ରାଣୀ ବିଷ୍ଣୁପ୍ରିୟା ଦେବୀ । ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ତାଙ୍କର ବାଲ୍ୟଶିକ୍ଷା ସମାପ୍ତ ହୋଇଥିଲା । ତା'ପରେ ଉଚ୍ଚଶିକ୍ଷା ପାଇଁ ସେ ମାନ୍ଦ୍ରାଜ ଗଲେ । ମାନ୍ଦ୍ରାଜରେ ପାଠ ପଢ଼ିବା ସମୟରେ ତାଙ୍କ ପିତାଙ୍କର ସ୍ୱର୍ଗବାସ ହୋଇଥିଲା । ନିଉଇଂଟନ ପ୍ରିନ୍ସ କଲେଜରୁ ପାଠପଢା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତା'ପରେ ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ ।

ମହାରାଜା ହୋଇ ମଧ ରାଜକୀୟ ବିଳାସ ବ୍ୟସନ ଠାରୁ ବହୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ । ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ଦାନକରିଥିଲେ । ଏହି ଅର୍ଥ ପାଇବା ପରେ ଗୋପବନ୍ଧୁ ଦାସ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା'ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମେଧାବୀ ଛାତ୍ରଙ୍କୁ ବୃତ୍ତି ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ । ସେସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧିନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତି ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ । ତଦନୁସାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କାର୍ଯ୍ୟ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡିଠାରେ ୧୯୧୨ରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ,'ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ।' କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟୋଷ୍ଠ ନେତା ମଧୁବାବୁଙ୍କୁ ମଧ ଚକିତ କରି ଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା ।

ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା । ବିହାର ଓ ଓଡ଼ିଶା ସରକାରଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଓଡ଼ିଶାର ଦାବୀ ଉତ୍ଥାପନ କରି ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ,'ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।' ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲ ଟେବୁଲ୍ ବୈଠକରେ ଉପସ୍ଥିତ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନେ ସ୍ତବ୍ଧ ହୋଇଯାଇଥିଲେ ।

ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା-ପାରଳାଖେମୁଣ୍ଡି ରେଳପଥକୁ ଗୁଣୁପୁର ଯାଏ ସମ୍ପ୍ରସାରିତ କରିଥିଲେ । କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲା ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳ ସେଚନର ସୁବିଧା ପାଇଁ ନଳିନୀ କୃଷ୍ଣ ସାଗର କାଶୀ ନଗରଠାରେ ଖୋଳାଇ ଥିଲେ, ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ୧୯୧୩ ମସିହାରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟାଭିଷେକ ପରେ ସେ ପାଞ୍ଚୋଟି କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ଜୀବନରେ ଏହି ସର୍ତ୍ତ ଗୁଡ଼ିକ ପାଳନ କରିଥିଲେ ।

ବ୍ରିଟିଶ ପାର୍ଲ୍ୟାମେଣ୍ଟରେ ୧୯୩୫ ମସିହା ଭାରତ ଆଇନ ସଂଶୋଧନ ହୋଇ ସମଗ୍ର ଭାରତୀୟ ଉପମହାଦେଶକୁ ୧୧ଟି ପ୍ରଦେଶରେ ବିଭକ୍ତ କରାଗଲା । ପ୍ରତି ପ୍ରଦେଶର ବିଧାନ ସଭା ପାଇଁ ନିର୍ବାଚନ ହେଲା । ଓଡ଼ିଶା ବିଧାନ ସଭାରେ ୬୦ଟି ଆସନରୁ ୩୬ଟି ଆସନ କଂଗ୍ରେସ ଦଳ ହାତରେ ଥିବା ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଦେଇ ଗଠିତ ଓଡ଼ିଶା ଜାତୀୟ ଦଳ ହାତରେ ୨୪ଟି ଆସନ ଥିଲା । ତେଣୁ ସଂଖ୍ୟା ଗରିଷ୍ଠ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା କଥା ମାତ୍ର ତତ୍କାଳିନ ରାଜ୍ୟପାଳମାନଙ୍କ ସ୍ୱତନ୍ତ୍ର କ୍ଷମତାକୁ ବିରୋଧ କରି କୌଣସି ରାଜ୍ୟରେ କଂଗ୍ରେସ ଦଳ କୌଣସି ରାଜ୍ୟରେ ଶାସନ ଦାୟିତ୍ୱ ନେଲେ ନାହିଁ । ତେଣୁ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାର ଶିକ୍ଷାମନ୍ତ୍ରୀ ଭାବେ ରହିଲେ ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶ ମିଶ୍ର । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ ବର୍ଷକ ପରେ ଅର୍ଥାତ ୧୯୩୭ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ ଅଷ୍ଟିନ ହବାକ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ନେତା ରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ ପଟ୍ଟନାୟକ ଓ ଲତିଫୁର ରହମାନଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରିମଣ୍ଡଳ ଗଠନ କରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ଅଠର ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରିଥିଲେ । ମହାରାଜାଙ୍କ ମନ୍ତ୍ରୀତ୍ୱ ଥିବାଯାଏ ତାଙ୍କର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ'ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର ,'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡ'ର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ସେ ତତ୍କାଳୀନ ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିରେ ଆଦର୍ଶ କୃଷି ଫାର୍ମ ଓ କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ସେ ପାରଳାଖେମୁଣ୍ଡିଠାରେ ମଧ୍ୟ ଏକ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାହାକୁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ । ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିରପ୍ରସିଦ୍ଧ । ଯାହାକି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେହୁଏ । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ –

'ଗଣିତରେ ଖଣ୍ଡପଡା ସଂସ୍କୃତରେ ନୟାଗଡ଼
କ୍ଷତ୍ରିୟରେ ଘୁମୁସର
ଧରାକୋଟ ରାଜନୀତି,
ଗନ୍ଧର୍ବବିଦ୍ୟାରେ ପାରଳାଖେମୁଣ୍ଡି
ମନେରଖିଥିବୁ ନାତି ।'

ମାନ୍ଦ୍ରାସର ଜଷ୍ଟିସ ପାର୍ଟିର ସେ ଜଣେ ସଭ୍ୟ ଭାବରେ କାମ କରୁଥିଲେ । ଏଥି ସହିତ ରୟାଲ ଆଗ୍ରିକଲଚରାଲ କମିଶନର ସଭ୍ୟ ଭାବରେ ୧୯୨୭ରୁ କାମ କରୁଥିଲେ । ୧୯୪୭ରୁ ୧୯୫୦ ଯାଏଁ ସେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଥିଲେ ।ଏହା ସହିତ ସେ ରୟାଲ ସୋସାଇଟି ଅଫ ଆର୍ଟସ ଓ ରୟାଲ ଏସିଆଟିକ ସୋସାଇଟି, ଲଣ୍ଡନ ଓ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ ଭାବେ ରହିଥିଲେ ।୧୯୩୨ରେ ତାଙ୍କୁ ଓଡ଼ିଶା ସରକାର 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେସିଆଇ ଉପାଧି ମଧ୍ୟ ଦେଇଥିଲେ । ପରବର୍ତ୍ତୀ ସମୟରେ ୧୯୯୨ ମସିହା ଗାନ୍ଧୀ ଜୟନ୍ତୀ ଅବସରରେ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ସମୟରେ ତାଙ୍କରି ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହୋଇଥିଲା । ସେ ୧୯୭୪ ମସିହା ମଇ ୨୫ ତାରିଖରେ ଦୁନିଆ ତାଙ୍କର ନିଧନ ହୋଇଥିଲା । । ସେହି ମହାପୁରୁଷ ଓଡ଼ିଶାର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଉଦୟ ଅସ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିଜ୍ଞ ବ୍ୟକ୍ତି ପାଖରେ ରହିଲେ ଜ୍ଞାନର ଉଦୟ ହୁଏ। କିନ୍ତୁ ଗୋଟେ ଅଜ୍ଞ୍ୟ ଲୋକ ପାଖରେ ରହିଲେ ଜ୍ଞାନ ଯାହାଥାଏ ତାହା ଅସ୍ତ ହୋଇଯାଏ । ତେଣୁ ତୁମେ ଶିଷ୍ୟ ହୁଅ କି ଭକ୍ତ ହୁଅ ତୁମେ ପ୍ରଥମେ ସ୍ଥାନ ନିରୁପଣ କର ବସିବା ପାଇଁ ଆଉ ଯେଉଁ ସ୍ଥାନରେ ବସୁଛ ସେ ସ୍ଥାନରେ ଯେଉଁ ବ୍ୟକ୍ତି ବସିଛି ତାକୁ ବି ନିରୁପନ କର ପ୍ରକୃତରେ ସେ ଜ୍ଞାନୀ କି ଅଜ୍ଞାନୀ । ସେ ବିଜ୍ଞ କି ଅଜ୍ଞ । ସେହି ବିଜ୍ଞ ବ୍ୟକ୍ତି ପାଖରେ ବସିବା ପୂର୍ବରୁ ତୁମ ଆତ୍ମାର ସନ୍ତୋଷ ଆସୁଛି ନା ନାହିଁ । ଯଦି ଆସୁଥାଏ ତାହେଲେ ସେଠାରେ ବସ ଶିକ୍ଷା ନିଅ,ଜ୍ଞାନ ଉପାର୍ଜନ କର ସେଥିରେ ଉଭୟଙ୍କ ଶୁଭ ହେବ ଏବଂ ଲାଭ ବି ହେବ । କିନ୍ତୁ ଯଦି ତୁମେ ଅଜ୍ଞ ବ୍ୟକ୍ତି ପାଖରେ ବସିଥାଅ ବା ଅଂହକାରୀ ପାଖରେ ବସିଥାଅ ସେତେବେଳେ ତୁମ ଅନ୍ତର ଆତ୍ମାର ଗତିକୁ ଲକ୍ଷ କର ସେ ଗତିଶୀଳ ହେଉଛି ନା ବିରକ୍ତ ଭାବ ପୋଷଣ କରୁଛି,ଯଦି ତୁମକୁ ବିଚଳିତ ଲାଗୁଛି ସେ ସ୍ଥାନରୁ ଯେତେ ଶିଘ୍ର ପାରୁଛ ଉଠି କରି ଚାଲିଯାଅ ।ନଚେତ୍ ବାଇଡଙ୍କ ଚୂର୍ଣ୍ଣ ଯେତେ ଦୂର ଉଡିବ ଏବଂ ଯାହା ଦେହରେ ଲାଗିବ ସେ ଯେପରି କୁଣ୍ଡାଇ ହୁଏ ସେହିପରି ସକଳ ଜ୍ଞାନ,ବୁଦ୍ଧି ତୁମର ଲୋପ ପାଇ ଯାଇ ଶେଷକୁ ତୁମେ ନିରାଶ ହୋଇପଡିବା

### ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ,କ୍ରୋଧ,ଲୋଭ,ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୁହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍। କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୁହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ । (କ୍ରମଶଃ...)

# ଓଡ଼ିଶାର ଗର୍ବ : ସ୍ଥାପତ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ଼,
କୁଜଙ୍ଗ,
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

ମଣିଷ ମାନଙ୍କ ଦ୍ୱାରା ଦେଶ, ଜାତି, ରାଷ୍ଟ୍ର ଓ ସମାଜ ଗଢ଼ା ଯାଇଛି । ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ, ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା, ସଭ୍ୟତା ତାର ବାହନ । ମଣିଷର ସଂସ୍କୃତି ସଂକୀର୍ଣ୍ଣ ହେଲେ ତାର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷାଣକୁ ଜୀବନ୍ୟାସ ଦେଇ କୀର୍ତ୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ, ସେହି ଦେଶରେ ଏକ ସାଧାରଣ ପରିବାରରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀଆ ସାହିରେ ଜନ୍ମ ଗ୍ରହଣ କରିଥିଲେ। ସଂସଦ ପଦ୍ମ ବିଭୁଷଣ ଡ଼. ରଘୁନାଥ ମହାପାତ୍ର, ପିତା- ଦାମୋଦର ମହାପାତ୍ର ଓ ମା ସୁକାନ୍ତି ଦେବୀ । ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲା ନାହିଁ । ଡ଼ାକ୍ତର କହିଲେ ଅଳ୍ପ ସମୟରେ ପିଲାଟି ମରିଯିବ । ପିତା ମାତା ମା ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇ ଗଲେ । ସେହି ଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟି ଗଲେ । ଘରଦ୍ୱାର ଛାଡ଼ି ସେ ମା' ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନାରେ ବ୍ରତୀ ହେଲେ । ଶେଷରେ ସେ ଶିବଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ । ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ । ସେ ଛୋଟ ବେଳୁ ଅଜା ଅପର୍ତ୍ତି ମହାପାତ୍ରଙ୍କ ଠାରୁ ମୂର୍ତ୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ। ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୂର୍ତ୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୂର୍ତ୍ତି ସମୁଦ୍ର କୂଳରେ ବିକ୍ରି କରି ସଂନ୍ଧ୍ୟା ବେଳକୁ ଦୋକାନୀଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ବେଉସା ଦିନେ ମୂର୍ତ୍ତି ଗଢ଼ିବା ସମୟରେ ପଥୁରୀଆ ସାହିକୁ ଓଡ଼ିଶା ଓ କଲିକତାର ଡ଼ିଜାଇନ୍ ସେଣ୍ଟର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟ୍ରେନିଂ ସେଣ୍ଟରରେ ଚାକିରିରେ ଯୋଗଦେଲେ । ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତ୍ତନ ଆସିଲା। ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରି କରି ପ୍ରତିଯୋଗିତାକୁ ପଠାଇଥିଲେ। ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ଼ଃ ଭି.ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଜାପାନର ଫୁଜି ଗୁରୁଜୀଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ । ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖ୍ୟାନ କରିଥିଲେ । ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇଥିଲେ। ତାଙ୍କର କଳାକୃତି ଥିଲା, ଯଥା- ଭୁବନେଶ୍ୱର ମାଷ୍ଟର କାଣ୍ଟିନ ଛକରେ କୋଣାର୍କ ଘୋଡ଼ା, କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା, ଭୁବନେଶ୍ୱର ଏୟାର ପୋର୍ଟରେ ୧୬ ଟି କୋଣାର୍କ ଚକ୍ର , ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ ଟି ମନ୍ଦିର, ଗ୍ରାମର ନୂତନ ତାରା ତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ଟି ବୌଦ୍ଧ ମୂର୍ତ୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତ୍ତି , ରାଜୀବ ଗାନ୍ଧୀଙ୍କ ସମାଧିପିଠ, ନୂଆ ଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର, ହରିଆନା ସୂରଜ କୁଣ୍ଡରେ ୧୫ ପୁଟର ବୁଦ୍ଧ ମୂର୍ତ୍ତି , ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର, ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଠ ୩ ଟି ବୌଦ୍ଧ ମୂର୍ତ୍ତି, ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତ୍ତି, ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ । ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ । ୨୦୧୩ ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୁଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଳଚଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ, ଏକାଡ଼େମୀର ଧର୍ମପଦ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥିଲେ । ତାଙ୍କର ତିନିପୁଅ ଓ ଦୁଇଝିଅ । ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ । ତାଙ୍କର ଅନ୍ତେଷ୍ଟିକ୍ରିୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବନ୍ତ ଓ ପ୍ରଶାନ୍ତ କରୋନା ମହାମାରୀର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ। ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣର ସ୍ୱପ୍ନ, ନିରବିଗଲା ନିହଣର ମୁନ, କରୋନାର କରାଳ ଛାୟାରେ ସବୁଦିନ ପାଇଁ ଲୁଚି ଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷା ମହାମାରୀ କରୋନାରେ ପିଡ଼ିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେଙ୍କ ଭୁବନେଶ୍ୱର ଏମସ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା। ଏହି ମହାନ ଶିଳ୍ପି ତାଙ୍କର ହାତର ସ୍ୱର୍ଶରେ ହଜାର ହଜାର ପଥର କୁ ଜୀବନ୍ତ କରି ଗଢ଼ି ତୋଳିଥିଲେ। ଯାହା ଆଜି ମଧ୍ୟ ଜନ ମାନସକୁ ଆକର୍ଷଣ କରୁଛି। ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ , କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତିରେ ଜୀବନ୍ତ ହୋଇ ରହିଛନ୍ତି । ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତୀ କୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ ।

# ଶିକ୍ଷାର ବଜାର : ଜ୍ଞାନର ସଉଦା



ସୌଜନ୍ୟ କୁମାର ପରିଡା
ବାରୁଅ, ଲକ୍ଷ୍ମୀନାରାୟଣ ବଜ଼ାର,
ବାରୋ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

ଆଜିର ସମାଜରେ ଶିକ୍ଷା ଆଉ କେବଳ ଜ୍ଞାନାର୍ଜନର ପବିତ୍ର ସାଧନା ହୋଇ ରହିନାହିଁ; ଏହା ଧୀରେ ଧୀରେ ଏକ ବୃହତ୍ ବ୍ୟବସାୟରେ ପରିଣତ ହେଉଛି । ଯେଉଁଠାରେ ଗୁରୁ-ଶିଷ୍ୟ ସମ୍ପର୍କ ଥିଲା ଆତ୍ମିକତା, ଆଦର ଓ ଜ୍ଞାନର ପବିତ୍ର ସେତୁ, ସେଠାରେ ଏବେ ଦେଖାଯାଉଛି ଲାଭ-କ୍ଷତିର ହିସାବକିତାବ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ଅସ୍ପଷ୍ଟ ହୋଇପଡ଼ିଛି ଓ ତାହାର ସ୍ଥାନ ଦଖଲ କରିଛି ନମ୍ବର, ଚାକିରି ଓ ଆର୍ଥିକ ସଫଳତାର ଅନ୍ଧ ଦୌଡ଼ । ପରୀକ୍ଷା ଋତୁ ଶେଷ ହୋଇଛି, ଆରମ୍ଭ ହୋଇଛି ନୂତନ ଶିକ୍ଷାବର୍ଷର ଋତୁ । କିନ୍ତୁ ଏହି ନୂଆ ଶିକ୍ଷା ଋତୁର ପରିବେଶକୁ ଦେଖିଲେ ମନେ ହୁଏନାହିଁ ଯେ ଏହା ଜ୍ଞାନର ଉତ୍ସବ; ବରଂ ଏକ ବିଶାଳ ବ୍ୟବସାୟିକ ମେଳାର ଚିତ୍ର ଆଖିଆଗରେ ଭାସିଉଠେ । ଯେପରି ଦୋକାନ ବଜାରରେ ରିହାତି ବା ସଉଦା ପାଇଁ ଲୋକଙ୍କର ଅସହ୍ୟ ଭିଡ ଲାଗେ, ସେହିପରି ଏବେ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କର ଭିଡ ଦେଖାଯାଉଛି । କେଉଁଠି "ଶତପ୍ରତିଶତ ରେଜଲ୍ଟ"ର ବିଜ୍ଞାପନ, କେଉଁଠି "ସ୍ମାର୍ଟ କ୍ଲାସ୍", "ଏସି କ୍ୟାମ୍ପସ", "ପ୍ଲେସମେଣ୍ଟ ଗ୍ୟାରାଣ୍ଟି"ର ଆକର୍ଷକ ପ୍ରଲୋଭନ । ଶିକ୍ଷା ପ୍ରତିଷ୍ଠାନମାନେ ନିଜକୁ ଜ୍ଞାନମନ୍ଦିର ଠାରୁ ଅଧିକ ଏକ ପ୍ରତିଯୋଗୀ ବ୍ୟବସାୟିକ ସଂସ୍ଥାରେ ପରିଣତ କରିବାରେ ବ୍ୟସ୍ତ । ଅଭିଭାବକମାନେ ମଧ୍ୟ ଅନିଶ୍ଚିତ ଭବିଷ୍ୟତର ଚିନ୍ତାରେ ଏକ ପ୍ରକାର ଅଣନିଶ୍ୱାସୀ ଦୌଡ଼ରେ ସାମିଲ ହେଉଛନ୍ତି । ସନ୍ତାନର ଭବିଷ୍ୟତକୁ ସୁରକ୍ଷିତ କରିବାର ଆତୁରତାରେ ସେମାନେ ବିଭିନ୍ନ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରର ଦ୍ୱାରେ ଦ୍ୱାରେ ଘୁରୁଛନ୍ତି । କେଉଁଠି ଆଡମିସନ ଫି'ର ଚାପ, କେଉଁଠି ଡୋନେସନର ଅଲିଖିତ ନିୟମ, କେଉଁଠି ପୁଣି ସଫଳତାର ସ୍ୱପ୍ନ ଦେଖାଇ ଅଭିଭାବକଙ୍କ ଭାବନା ସହ ବ୍ୟବସାୟ । ଏହି ଦୃଶ୍ୟ କେବେ କେବେ ଏମିତି ଲାଗେ, ଯେପରି ଶିକ୍ଷା ନୁହେଁ, ଏକ "ପ୍ୟାକେଜ୍ଡ ପ୍ରୋଡକ୍ଟ"ର ବଜାର ଚାଲିଛି; ଯେଉଁଠାରେ ଛାତ୍ର ଗ୍ରାହକ ଓ ଶିକ୍ଷା ପ୍ରତିଷ୍ଠାନ ବ୍ୟବସାୟୀ । ଆଜିର ଛାତ୍ର ଅଧିକାଂଶ ସମୟରେ ଶିକ୍ଷକଙ୍କ ପାଖରୁ ଜ୍ଞାନ କିମ୍ବା ବିଦ୍ୟା ଆଶା କରୁନାହାନ୍ତି । ସେ ଖୋଜୁଛନ୍ତି ପରୀକ୍ଷାରେ କିପରି ଅଧିକ ନମ୍ବର ଆଣିବେ, କିପରି ସହଜରେ ପାସ୍ କରିବେ, କିପରି ଭଲ ଚାକିରି ପାଇବେ । ତାଙ୍କ ପାଇଁ ଶିକ୍ଷା ହେଉଛି ଜୀବିକାର ଟିକେଟ୍ । ଅନ୍ୟପଟେ ଅନେକ ଶିକ୍ଷକଙ୍କର ମଧ୍ୟ ଲକ୍ଷ୍ୟ ରହିନାହିଁ ଜ୍ଞାନ ବିତରଣର ମହାନ ବ୍ରତ । ଶିକ୍ଷାଦାନ ଏବେ ଅନେକଙ୍କ ପାଇଁ ଏକ ପେଶା, ଉପାର୍ଜନର ଉପାୟ ମାତ୍ର । 'ଲସ୍ୱରୂପ ଶିକ୍ଷକ ଓ ଛାତ୍ରଙ୍କ ମଧୁର ସମ୍ପର୍କ ଧୀରେ ଧୀରେ ବ୍ୟବସାୟୀ ଓ ଗ୍ରାହକର ସମ୍ପର୍କରେ ପରିଣତ ହେଉଛି । ନିଶ୍ଚୟ ଏହାର ବ୍ୟତିକ୍ରମ ଅଛି । ଆଜିମ୍ଭ କିଛି ଶିକ୍ଷକ ଅଛନ୍ତି, ଯେଉଁମାନେ ଶିକ୍ଷାକୁ ଏକ ସାଧନା ବୋଲି ମନେ କରନ୍ତି ଓ କିଛି ଛାତ୍ର ଅଛନ୍ତି, ଯେଉଁମାନେ ସତ୍ୟ ଜ୍ଞାନ ପାଇଁ ଆତୁର । କିନ୍ତୁ ସେହି ସଂଖ୍ୟା ଅତ୍ୟନ୍ତ ସାମାନ୍ୟ । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଗ୍ରାସ କରିଛି ସ୍ଥୂଳ ଉପଯୋଗିତାବାଦ ବା "Utilitarianism" । ଶିକ୍ଷାର ମୂଲ୍ୟ ଏବେ ମାପାଯାଉଛି କେତେ ଟଙ୍କା ଉପାର୍ଜନ କରାଯିବ, କେତେ ଶୀଘ୍ର ଚାକିରି ମିଳିବ, କିମ୍ବା କେତେ ବଡ଼ ପଦ ହାସଲ ହେବ । କିନ୍ତୁ ଶିକ୍ଷାର ପ୍ରକୃତ ଲକ୍ଷ୍ୟ କ'ଣ ? ଆମ ଭାରତୀୟ ଦାର୍ଶନିକ ପରମ୍ପରା ଏହାର ଉତ୍ତର ଅନେକ ପୂର୍ବରୁ ଦେଇଛି । ଶାସ୍ତ୍ରରେ କୁହାଯାଇଛି, "ସା ବିଦ୍ୟା ଯା ବିମୁକ୍ତୟେ" ଅର୍ଥାତ୍ ଯେଉଁ ବିଦ୍ୟା ମଣିଷକୁ ମୁକ୍ତି ଦିଏ, ସେହି ହେଉଛି ପ୍ରକୃତ ବିଦ୍ୟା । ଏହି ମୁକ୍ତି କେବଳ ଦାରିଦ୍ର୍ୟରୁ ନୁହେଁ; ଅଜ୍ଞାନ, ଅନ୍ଧବିଶ୍ୱାସ, ସଂକୀର୍ଣ୍ଣତା, ଅନୈତିକତା ଓ ମାନସିକ ଅନ୍ଧକାରରୁ ମୁକ୍ତି । ବିଦ୍ୟା ମଣିଷକୁ ମାନବିକ କରେ, ବିବେକୀ କରେ, ସତ୍ୟ ଓ ନ୍ୟାୟର ପଥରେ ଚାଲିବାକୁ ଶିଖାଏ ।

ଦୁଃଖର ବିଷୟ, ଆଜିର ଶିକ୍ଷା ବ୍ୟବସ୍ଥା ସେହି ମହତ୍ ଲକ୍ଷ୍ୟକୁ ପ୍ରାୟ ବିସ୍ମୃତ କରିଦେଇଛି । ଏବେ ଶିକ୍ଷା ମନୁଷ୍ୟ ଗଢ଼ିବାଠାରୁ ବେଶି ବଜାର ପାଇଁ "ମାନବ ସମ୍ପଦ" ପ୍ରସ୍ତୁତ କରୁଛି । ନୈତିକତା, ମାନବିକତା, ସାମାଜିକ ଦାୟିତ୍ୱବୋଧ ଓ ଚରିତ୍ର ଗଠନ ପଛକୁ ଚାଲିଯାଇଛି । ଶିକ୍ଷାର ମନ୍ଦିରରେ ଜ୍ଞାନର ଦୀପ ଧୀରେ ଧୀରେ ମ୍ଳାନ ହେଉଛି, ଓ ତାହାର ସ୍ଥାନରେ ଜଳୁଛି ବଜାରବାଦର ଚକଚକିଆ ନିଅନ୍ ଆଲୋକ । ଆମେ ଯଦି ଏହି ପରିସ୍ଥିତିକୁ ଏବେ ମ୍ଭ ଅନୁଭବ କରିନଥାଉ, ତେବେ ଆସନ୍ତା ପିଢ଼ି କେବଳ ଡିଗ୍ରୀଧାରୀ ହେବେ, କିନ୍ତୁ ସତ୍ୟ ଅର୍ଥରେ ଶିକ୍ଷିତ ମଣିଷ ହୋଇପାରିବେ ନାହିଁ । ତେଣୁ ଆବଶ୍ୟକ ଶିକ୍ଷାକୁ ପୁଣିଥରେ ତାହାର ମୂଳ ଆଦର୍ଶ ସହ ଯୋଡ଼ିବା । ଶିକ୍ଷା କେବଳ ଜୀବିକା ନୁହେଁ, ଜୀବନର ମାର୍ଗଦର୍ଶନ ହେଉ । ଶିକ୍ଷକ ପୁଣି ଗୁରୁର ଆସନକୁ ଫେରନ୍ତୁ ଓ ଛାତ୍ର ପୁଣି ଜ୍ଞାନ ପ୍ରତି ଶ୍ରଦ୍ଧା ଅନୁଭବ କରନ୍ତୁ । ନଚେତ୍ ଦିନେ ଏମିତି ଆସିବ, ଯେଉଁଠାରେ ଶିକ୍ଷା ଥିବ, ବିଦ୍ୟାଳୟ ଥିବ, ଡିଗ୍ରୀ ଥିବ; କିନ୍ତୁ ଜ୍ଞାନ, ମୂଲ୍ୟବୋଧ ଓ ମାନବିକତାର ଆଲୋକ ଅନ୍ଧକାରରେ ହଜିଯିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଷ୍ଟ୍ରିଟ୍ ଲାଇଟ୍ ଅଚଳ:ଅସାମାଜିକଙ୍କ ଚରା ଭୂଇଁ ପାଲଟିଛି ବାଉରୀଗୁଡ଼ା ଗାଁ

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୁଡ଼ା ଗ୍ରାମରେ ସରକାରୀ ଯୋଜନାର ଅସଲ ଚେହେରା ପଦାରେ ପଡ଼ିଛି। ଲୋକଙ୍କ ସୁରକ୍ଷା ଓ ଯାତାୟାତ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ତ ଲଗାଯାଇଛି, କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ସେଥିମଧ୍ୟରୁ ଅଧିକାଂଶ ଲାଇଟ୍ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି। ଫଳରେ ସଞ୍ଜ ନଇଁଲେ ସାରା ଗ୍ରାମ ଅନ୍ଧକାର ଚାଦର ତଳେ ବୁଡ଼ି ରହୁଛି। ଅନ୍ଧାରର ସୁଯୋଗ ନେଇ ଗ୍ରାମରେ ଏବେ ଚୋରି ଏବଂ ଲୁଟ୍‌ପାଟ୍ ଭଳି ଅପରାଧିକ ମାମଲା ଆଶାତୀତ ଭାବେ ବୃଦ୍ଧି ପାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାଘାଟ ଅନ୍ଧାର ରହୁଥିବାରୁ ଏହା ଏବେ ଅସାମାଜିକ ତତ୍ତ୍ୱ ଓ ଗୁଣ୍ଡା ଶ୍ରେଣୀର ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଶେଷ କରି ମଦ୍ୟପମାନେ ସର୍ବସାଧାରଣ ସ୍ଥାନରେ ଉତ୍ପାତ କରୁଛନ୍ତି, ଯାହାଫଳରେ ରାତିରେ ମହିଳା, ଶିଶୁ ଏବଂ ବୟସ୍କ ବ୍ୟକ୍ତିମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଗ୍ରାମରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପନ୍ନ ହୋଇପଡ଼ିଛି। ଏହି ଗମ୍ଭୀର ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ସମ୍ପୃକ୍ତ ବିଭାଗ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଗୁହାରି କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସମସ୍ୟାର ସମାଧାନ କରିବା ବଦଳରେ ଅଧିକାରୀମାନେ କେବଳ ବିଭିନ୍ନ ପ୍ରକାରର ବାହାନା ଦେଖାଇ ନିଜ ଦାୟିତ୍ୱ ଖସାଇ ଦେଉଛନ୍ତି। ଆଜି ପର୍ଯ୍ୟନ୍ତ ଏହି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର କୌଣସି ସୁଧାର କରାଯାଇନାହିଁ। ପ୍ରଶାସନର ଏଭଳି ଦାୟିତ୍ୱହୀନ ମନୋଭାବ ବିରୁଦ୍ଧରେ ଏବେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ମାମଲାରେ ତୁରନ୍ତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ସମ୍ବଲପୁର ଜିଲ୍ଲାପାଳ ହସ୍ତକ୍ଷେପ କରନ୍ତୁ ବୋଲି ଦୃଢ଼ ଦାବି ହୋଇଛି। ପ୍ରତି ଅତି ଶୀଘ୍ର ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଉ ଏବଂ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ, ତେବେ ଆଗାମୀ ଦିନରେ ବାଉରୀଗୁଡ଼ା ଗ୍ରାମବାସୀ ରାଜପଥକୁ ଓହ୍ଲାଇବା ସହ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### — ଜନନୀ ଏକ୍ସପ୍ରେସ୍ ଯୋଜନା ବାଟବଣା —

# ଗର୍ଭବତୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମାତୃ ଓ ଶିଶୁ ମୃତ୍ୟୁହାରକୁ କମ୍ କରିବାପାଇଁ ରାଜ୍ୟ ସରକାର ଜନନୀ ଏକ୍ସପ୍ରେସ୍ ଯୋଜନା ଆରମ୍ଭ କରିଛନ୍ତି। ଗର୍ଭବତୀ ଓ ରୋଗାକ୍ରାନ୍ତ ଏକ ବର୍ଷରେ ଶିଶୁଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଏହି ଯୋଜନା ଅଧୀନରେ ସେବା ପ୍ରଦାନ କରାଯାଉଛି। ତେବେ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ଏହି ଯୋଜନାରେ ଜିଲ୍ଲାର କିଛି ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀ ଜନନୀ ଏକ୍ସପ୍ରେସ୍‌ରେ ଗର୍ଭବତୀଙ୍କୁ ଆଣି ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ଦେଖିବାକୁ ମିଳୁଛି। ସହରର ଏକ ଘରୋଇ ଡାକ୍ତରଖାନାକୁ ଜନନୀ ଏକ୍ସପ୍ରେସ୍‌ରେ ଗର୍ଭବତୀଙ୍କୁ ନେବା ଚିତ୍ର ସାମ୍ନାକୁ ଆସିଛି। ଏହି ବାବଦରେ ଗାଡ଼ି ଚାଳକଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରି ଆମ୍ବୁଲାନ୍ସକୁ ଘରୋଇ ଡାକ୍ତରଖାନାକୁ ନେଉଛି କିପରି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାସ୍ଥ୍ୟକର୍ମୀଙ୍କ ସଲାସୁତରାରେ କିଛି ଘରୋଇ ଡାକ୍ତରଖାନାର ମାଲିକ ଗର୍ଭବତୀଙ୍କୁ ଭର୍ତ୍ତି କରୁଥିବା ଅଭିଯୋଗ ହୋଇଛି। ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ସଂସ୍ଥାର କାର୍ଯ୍ୟଧାରା ବି ସନ୍ଦେହ ଘେରକୁ ଆସୁଛି। ସରକାରୀ ଡାକ୍ତରଖାନାରେ ସେବା ଯୋଗାଇବା ପାଇଁ ନିୟମ ରହିଥିବା ବେଳେ ନିଜ ସ୍ୱାର୍ଥ ପାଇଁ କିଛି କର୍ମଚାରୀ ଏଥିରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏନେଇ ସ୍ୱାସ୍ଥ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଏ ବାବଦରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

# ତିର୍ତ୍ତୋଲରେ ତୃତୀୟ ପର୍ଯ୍ୟାୟ ଏସ୍ଆଇଆର୍ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧୦୨- ତିର୍ତ୍ତୋଲ ନିର୍ବାଚନ ଅଧୀନରେ ଥିବା ତିର୍ତ୍ତୋଲ ବ୍ଲକର ସମସ୍ତ ୧୧୪ ଜଣ ବୁଥ୍ ସ୍ତରୀୟ ଅଧିକାରୀ, ୧୧ ଜଣ ବୁଥ୍ ସ୍ତରୀୟ ତଦାରଖ ଅଧିକାରୀ, ପ୍ରତି ବୁଥ୍‌ର ତିନି ଜଣ ଲେଖାଏଁ (୩୪୨) ବୁଥ୍ ସ୍ତରୀୟ ପ୍ରତିନିଧି (ବିଏଲ୍ଏ), ପାଞ୍ଚ ଜଣ ଲେଖାଏଁ (୫୭୦) ସ୍ୱେଚ୍ଛାସେବୀଙ୍କୁ ୧୦୨ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ସହାୟକ ପଞ୍ଜିକରଣ ଅଧିକାରୀ ତଥା ମଣ୍ଡଳ ଉନ୍ନୟନ ଅଧିକାରୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ତହସିଲଦାରଙ୍କ ଦ୍ୱାରା ତିର୍ତ୍ତୋଲ ବ୍ଲକ ଆଦିକବି ଶାରଳା ଦାସ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏନୁମେରେସନ୍ ଫର୍ମ ଘରକୁ ଘର ବୁଲି ପ୍ରତ୍ୟେକ ଭୋଟରଙ୍କୁ ପ୍ରଦାନ କରି ଏହାକୁ ପୁନର୍ବାର ସଂଗ୍ରହ କରିବେ ଯାହା ବିଏଲ୍ଓଙ୍କ ଦ୍ୱାରା ଆପରେ ଏଣ୍ଟ୍ରି କରାଯିବ ବୋଲି ତିର୍ତ୍ତୋଲ ବ୍ଲକ ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି।

# ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତଙ୍କୁ ସୃଜନ ଶ୍ରୀ ସମ୍ମାନ



**କବିସୂର୍ଯ୍ୟନଗର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କବିସୂର୍ଯ୍ୟ ନଗର ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତଙ୍କୁ ୩୧ ତାରିଖ ଦିନ ବାଲେଶ୍ୱର ସହର ସ୍ଥିତ ଗାନ୍ଧୀସ୍ମୃତି ଭବନ ଠାରେ ଅପରାହ୍ନ ପତ୍ରିକାର ୧୬ତମ ବାର୍ଷିକୋତ୍ସବରେ ଓଡ଼ିଶା ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ କବିତା କୁମ୍ଭ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ୨୦୨୬ରେ ଅପରାହ୍ନ ପତ୍ରିକା ଦ୍ୱାରା ସୃଜନ ଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଛି ଓ ଉକ୍ତ ଉତ୍ସବରେ ୩୦ଟି ଜିଲ୍ଲା ତଥା ରାଜ୍ୟ ବାହାରର ଅନେକ ପ୍ରତିଭାବାନ ବ୍ୟକ୍ତିତ୍ୱମାନେ ଯୋଗଦାନ କରିଥିଲେ। ଏଥିରେ ଅଧ୍ୟାପକ ଗନ୍ତାୟତ ଦାର୍ଶନିକ ତତ୍ତ୍ୱ ସମ୍ବଳିତ ତଥା ରୀତିଯୁଗର ଛନ୍ଦ ଯୁକ୍ତ କବିତା ପାଠ କରି ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏଥିପୂର୍ବରୁ ସେ ଦିବ୍ୟଦର୍ଶ କଳାପରିଷଦ ବ୍ରହ୍ମପୁର, ପୁରାତନ ଦୈନିକ ଖବର କାଗଜ ଦୈନିକଆଶା ପକ୍ଷରୁ ଜିଜ୍ଞାସାରେ ଶ୍ରୀଜଗନ୍ନାଥ, ଉତ୍କଳୀୟ ଯୋଗ ବେଦାନ୍ତ ପରିଷଦ ପୁରୀ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ପୁରୀ, ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ ବିଶାଖାପାଟଣା, ବୀଣାପାଣି ସାହିତ୍ୟ ସଂସଦ କେନ୍ଦୁଝର, ବାଣୀ ବିଥିକା ପରିବାର, ନୀଳାଚଳ ସାହିତ୍ୟ ସୃଜନୀ, ଆମ ଅଗଣାର ସଜ ଫୁଲ ପରିବାର, ଜୟ ଶ୍ରୀଜଗନ୍ନାଥ ପ୍ରଭୁ ପରିବାର, ସୁନାର ଗୌରାଙ୍ଗ ପରିବାର କଟକ, ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ମେଘାସିନୀ ସାହିତ୍ୟ ସଂସ୍କୃତି ପରିଷଦ ମୟୂରଭଞ୍ଜ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଆସିଛନ୍ତି।

# ବରଗଡ଼ରେ ଶୁଭାରମ୍ଭ ହେଲା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ନିୟୋଜିତ ଅଛନ୍ତି ୫ ଜଣ ଇ.ଆର୍.ଓ., ୨୭ ଜଣ ଏ.ଇ.ଆର୍.ଓ, ୧୪୦ ଜଣ ସୁପରଭାଇଜର ଏବଂ ୧୩୯୭ ଜଣ ବି.ଏଲ୍.ଓ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଓଡ଼ିଶାର ସମସ୍ତ ଯୋଗ୍ୟ ଭୋଟରଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ସହ ଭୋଟର ତାଲିକାର ସଠିକତା ସୁନିଶ୍ଚିତ କରି ଏକ ସ୍ୱଚ୍ଛ, ସତ୍ୟାପିତ ତଥା ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟରେ 'ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍. ଆଇ.ଆର୍)' ଅଭିଯାନ ଶୁଭାରମ୍ଭ ହୋଇଛି। ଏହି କ୍ରମରେ, ବରଗଡ଼ ଜିଲ୍ଲାର ମଧ୍ୟ ଏସ୍. ଆଇ.ଆର୍ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଛି। ସୂଚନାଯୋଗ୍ୟକି, ଜିଲ୍ଲାର ସମୁଦାୟ ୫ ଗୋଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩୯୭ଟି ବୁଥ୍‌ରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ୫ ଜଣ ଇ.ଆର୍.ଓ., ୨୭ ଜଣ ଏ.ଇ.ଆର୍.ଓ ଏବଂ ୧୪୦ ଜଣ ବି.ଏଲ୍.ଓ ସୁପରଭାଇଜରଙ୍କ ସମେତ ୧୩୯୭ ଜଣ ବି.ଏଲ୍.ଓ ନିୟୋଜିତ ହୋଇଛନ୍ତି। ଜୁନ୍ ମାସ ୨୮ ତାରିଖ ପର୍ଯ୍ୟନ୍ତ ବି.ଏଲ୍.ଓ ମାନେ ସମସ୍ତ ଭୋଟରମାନଙ୍କ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରି ଦୁଇଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମଟିକୁ ସଠିକ୍ ଭାବରେ ପୂରଣ କରିବାରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବେ। ସହ ମତଦାତାଙ୍କ ଦ୍ୱାରା ଆବଶ୍ୟକୀୟ ସୂଚନା ପୂରଣ ହେବା ପରେ ସେଗୁଡ଼ିକୁ ସଂଗ୍ରହ କରି ଏହାର ପ୍ରମାଣ ସ୍ୱରୂପ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଏହାପରେ ଆଗାମୀ ୨୮ ଜୁନ୍ ୨୦୨୬ ସୁଦ୍ଧା ସମସ୍ତ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯିବା ସହ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟୋରାଲ ରୋଲ ପ୍ରକାଶ ପାଇବ। ମତଦାତାଙ୍କ କୌଣସି ଦାବି/ଆପତ୍ତି ଥିଲେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ସୁଦ୍ଧା ଦାଖଲ କରିପାରିବେ। ପ୍ରାପ୍ତ ହୋଇଥିବା ସମସ୍ତ ଦାବି/ଆପତ୍ତିର ସତ୍ୟାସତ୍ୟର ଯାଞ୍ଚ ତଥା ପରିଗଣନା ଫର୍ମରେ ଭୋଟର ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ପୂର୍ବ ଏସ୍. ଆଇ.ଆର୍- ୨୦୦୨ ଭୋଟର ତାଲିକାର ବିବରଣୀ/ଡାଟାବେସ୍ ସହ ମେଳ ଖାଉନଥିଲେ କିମ୍ବା ଉପଲବ୍ଧ ନଥିଲେ ନିର୍ବାଚକ ପଞ୍ଜିକରଣ ଅଧିକାରୀ / ସହକାରୀ ନିର୍ବାଚକ ପଞ୍ଜିକରଣ ଅଧିକାରୀ (ଇ.ଆର୍.ଓ./ ଏ.ଇ.ଆର୍.ଓ) ସେହି ଭୋଟରମାନଙ୍କୁ ନୋଟିସ୍ ଜାରି କରିବେ। ନୋଟିସ୍ ପାଇବା ପରେ, ଭୋଟରମାନେ ଉପଯୁକ୍ତ ଦସ୍ତାବିଜ ଇ.ଆର୍.ଓ./ ଏ.ଇ.ଆର୍.ଓ ମାନଙ୍କୁ ପ୍ରଦାନ କରି ସଂଶୋଧନ କରିପାରିବେ। ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏହି ଯାଞ୍ଚ ସରିବା ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

# ଜୁନ୍ ୨୬ରେ ବାଙ୍କୀ ପ୍ରଗତି ପରିଷଦ ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଙ୍କି ପ୍ରଗତି ପରିଷଦ ବାର୍ଷିକ ସମ୍ମିଳନୀର ପ୍ରସ୍ତୁତି ବୈଠକ ପରିଷଦର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ୟୁନିଟ୍-୮ ଡେଲ୍ଟା ଛକ ସ୍ଥିତ ଜଳେଶ୍ୱର ମନ୍ଦିର ପରିସରରେ ମା' ଚର୍ଚ୍ଚିକେଇଙ୍କ ପ୍ରାର୍ଥନା ସହ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ନିମେଇ ଚରଣ ଦାସ ଗତ ୯ ତାରିଖ ସଭାର ବିବରଣୀ ପାଠ କରିଥିଲେ। ରାଜ୍ୟପାଳ ହରିବାବୁ କୁମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଅତିଥି ଭାବେ ଆସନ୍ତା ୨୬ ତାରିଖ ଗୀତ ଗୋବିନ୍ଦ ସଦନରେ ବାର୍ଷିକ ସମ୍ମିଳନୀରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଡଃ ବିଷ୍ଣୁପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ କାଶୀନାଥ ସାହୁ, ଉପସଭାପତି ସରୋଜ ଚୌଧୁରୀ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର, ସହକୋଷାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ ପ୍ରଫେସର ଲକ୍ଷ୍ମଣ ମନ୍ତ୍ରୀ, ବରିଷ୍ଠ ସଭ୍ୟ ରଞ୍ଜିତ କୁମାର ତ୍ରିପାଠୀ, ନରେଶ ସ୍ୱାଇଁ, ଜୟଦେବ ସାମନ୍ତରାୟ ଆଦି ବହୁ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରି ରେଣୁକା ନଦୀର ପୁନରୁଦ୍ଧାର ୧୮୭୨ ମସିହାରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ରଥ ଲେଖିଥିବା ବର୍ଣ୍ଣବୋଧକ ଯାହାକି ୧୮୯୫ ମସିହାରେ ବର୍ଣ୍ଣବୋଧ ଭାବେ ଆତ୍ମ ପ୍ରକାଶ କରିଥିଲା। ତାଙ୍କୁ ଉପଯୁକ୍ତ ସମ୍ମାନ ଆଦି ବାଙ୍କିର ବହୁ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରିଷଦର ବାର୍ଷିକ ସମ୍ମିଳନୀରେ ପଥୁରିପଡ଼ା ଗ୍ରାମର ବିଶିଷ୍ଟ ପରିବେଶବିତ ଶରତ ଚନ୍ଦ୍ର ତ୍ରିପାଠୀ ଓ ସାହାଡାପଦା ଗ୍ରାମର ରାଜ ଧର୍ମପଦ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଚିତ୍ରକଳା ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ 'ବାଙ୍କି ରତ୍ନ' ଉପାଧିରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବାର୍ଷିକ ସମ୍ମିଳନୀରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ପରିଷଦ ପକ୍ଷରୁ ନିବେଦନ କରାଯାଇଥିବା ପରିଷଦର ସଭାପତି ଶ୍ରୀ ତ୍ରିପାଠୀ ଜଣାଇଛନ୍ତି।

# ବିବାଦୀୟ ପ୍ରକଳ୍ପ ନେଇ ସନ୍ଦେହ ଘେରରେ ଅଧିକାରୀ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ପୌରପାଳିକା ତଥା ଉନ୍ନୟନ କର୍ତ୍ତୃପକ୍ଷମାନେ ସମ୍ବିଧାନର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ନ୍ୟାୟସଙ୍ଗତ, ସ୍ୱଚ୍ଛ ଓ ଯୁକ୍ତିଯୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରିବାର ବାଧ୍ୟବାଧକତା ରହିଛି। ଉନ୍ନୟନ କାର୍ଯ୍ୟ ନାମରେ ସେମାନେ କୌଣସି ବ୍ୟକ୍ତିଙ୍କ ସ୍ଥାପିତ ନାଗରିକ ଓ ଇଜମେଣ୍ଟ ଅଧିକାରକୁ କ୍ଷତି ପହଞ୍ଚାଇ ପାରିବେନାହିଁ କିମ୍ବା ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଭୂମିର ସ୍ୱରୂପକୁ ମନମୁଖୀ ଭାବରେ ପରିବର୍ତ୍ତିତ କରିପାରିବେନାହିଁ। ହେଲେ ଗୁଣପୁର ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ସହକାରୀ ଯନ୍ତ୍ରୀଙ୍କ ପକ୍ଷରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି ଓ ପୌରପାଳିକା ଅନ୍ତର୍ଗତ ନୀଳଚକ୍ର ନଗର ୱାର୍ଡ ନଂ ୧୮ ଠାରେ ପ୍ରସ୍ତାବିତ ଏକ ପ୍ରକଳ୍ପ ନିର୍ମାଣକୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ଥିବା ଅଭିଯୋଗ ହୋଇଛି। ପୌରପାଳିକା ଦ୍ୱାରା ପତ୍ର ସଂଖ୍ୟା ୫୦୮, ୨୯.୦୧.୨୦୨୬ ତାରିଖରେ ୪ ଲକ୍ଷ ୨୩ ହଜାର ମୂଲ୍ୟରେ 'କମ୍ୟୁନିଟି ହଲ୍' ସମ୍ପୂର୍ଣ୍ଣ ପାଇଁ ଟେଣ୍ଡର ଆହ୍ୱାନ୍ କରାଯାଇଥିଲା ଓ ତେବେ ପ୍ରସ୍ତାବିତ ପ୍ରକଳ୍ପଟିକୁ ପୌରପାଳିକାର ସମ୍ପୃକ୍ତ ୱାର୍ଡ ଠାରେ, ଘର ସଂଖ୍ୟା ୦୪୨ ଓ ୦୪୩ ମଧ୍ୟରେ ନିର୍ମାଣ କରାଯିବା ନେଇ ସ୍ଥାନ ଚିହ୍ନଟ କରାଯାଇଛି ଓ ଯାହାକୁ ନେଇ ଏବେ ପୌରପାଳିକାର ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ପ୍ରସ୍ତାବିତ ସ୍ଥାନଟି ୧୬ ଫୁଟ ବିଶିଷ୍ଟ ହୋଇଥିବା ସ୍ଥଳେ ଏହି ସ୍ଥାନଟି କୁ ସେଠାକାର ସାଧାରଣ ଜନତା ସାହି ରାସ୍ତା ଭାବେ ନାଳକୁ ଯିବା ପାଇଁ ଦଶନ୍ଧି ଦଶନ୍ଧି ଧରି ବ୍ୟବହାର କରିଆସୁଛନ୍ତି। ଅତୀତରେ ଉକ୍ତ ସ୍ଥାନଟିକୁ ନକ୍ସାରେ ରାସ୍ତା ଥିବା ଦର୍ଶାଇ ପ୍ଲଟ୍ ମାଲିକ ରିଅଲ୍ ଇଷ୍ଟେଟ୍ କାରବାର କରିଥିଲେ ଓ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳଟି ଗ୍ରାମ ଶାସନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ପ୍ଲଟ୍‌ର ପୂର୍ବ ମାଲିକ ରାଧାକୃଷ୍ଣ ବୈଦ୍ୟଭୂଷଣ ସମ୍ପୃକ୍ତ ପ୍ଲଟ୍‌ର ସମସ୍ତ ରାସ୍ତା ଗୁଡ଼ିକୁ ବିଦ୍ଧିବଦ୍ଧ ଭାବେ ଗ୍ରାମ ପଞ୍ଚାୟତ କୁ ହସ୍ତାନ୍ତର କରିଦେଇଥିବା କୁହାଯାଉଛି। ତେବେ ସାମୁହିକ ରାସ୍ତା ଭାବେ ଦୀର୍ଘ ବର୍ଷ ହେବ ବ୍ୟବହାର ହେଉଥିବା ସ୍ଥାନରେ ପୌରପାଳିକା ରାସ୍ତା ଅବରୋଧ କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ନେଇ ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ଘର ନଂ ୦୪୩ ତରଫରୁ ଏନେଇ ପୁନଃ ବିଚାର କରାଯିବା ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ନିବେଦନ କରାଯାଇଥିବା ସୂଚନା ରହିଛି। ଏଠାରେ ଉଲ୍ଲେଖ ଥାଉକି ଯେକୌଣସି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରକଳ୍ପର ସମ୍ଭାବ୍ୟତା ଅନୁଧ୍ୟାନ, ପ୍ରକଳ୍ପ ନିର୍ମାଣ ସ୍ଥାନ, ପ୍ରକଳ୍ପ ନିର୍ମାଣ ଦ୍ୱାରା କୌଣସି ବ୍ୟକ୍ତିବିଶେଷଙ୍କ କ୍ଷୟକ୍ଷତି, ଅଧିକାରକୁ ହାନି, ଆପତ୍ତି, ଅଭିଯୋଗ ଆଦି ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥାଏ ଓ ଫିଜିବିଲିଟି ରିପୋର୍ଟ ସହ ସମ୍ପୃକ୍ତ ସ୍ଥାନର ଜିଓ ଟ୍ୟାଗିଂ ଆଦି ପରେ ଏହାର ବୈଷୟିକ ଆକଳନ ପ୍ରକ୍ରିୟା ସବୁ କରାଯିବା ନିୟମ ରହିଛି। ତେବେ ଏହି କ୍ଷେତ୍ରରେ ଗୁଣୁପୁର ପୌର କାର୍ଯ୍ୟାଳୟର ଅତିରିକ୍ତ ସହକାରୀ ଯନ୍ତ୍ରି ରାସ୍ତା ଉପରେ ପ୍ରକଳ୍ପ ନିର୍ମାଣ ପାଇଁ କିଭଳି ଲେଆଉଟ୍ ତଥା ଅନୁମତି ଦେଲେ ତାହା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ନୀଳଚକ୍ରନଗର ପ୍ଲଟ୍‌ଗୁଡ଼ିକ ଲେଆଉଟ୍ ପ୍ଲାନ୍‌ରେ ସମ୍ପୃକ୍ତ ସ୍ଥାନକୁ ୧୬ ଫୁଟ୍ ରାସ୍ତା ଭାବେ ଦର୍ଶାଯାଇଛି ଓ ଯାହାପରେ ବିଭିନ୍ନ ବ୍ୟକ୍ତି ବିଶେଷ ଏହାକୁ କିଣିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ଘର ସଂଖ୍ୟା ୦୪୩ଙ୍କ ପକ୍ଷରେ ଭାରତୀୟ ଇଜମେଣ୍ଟ ଆକ୍ଟ ୧୮୮୨ ଅନୁଯାଇ ସେହି ରାସ୍ତା ବ୍ୟବହାର କରିବାର ଏକ ନିହିତ ଅଧିକାର 'ଇଂପ୍ଲାଇଡ଼ ଇଜମେଣ୍ଟ ରାଇଟ୍ସ' ରହିଛି ଓ ସେହି ରାସ୍ତାକୁ ବନ୍ଦ କରିବା କିମ୍ବା ସେଥିରେ ନିର୍ମାଣ କରିବାକୁ ଅନୁମତି ଦେବା ଅଧିକାର ପୌରପାଳିକା କିମ୍ବା କୌଣସି ଅନୁଷ୍ଠାନର ନାହିଁ ବୋଲି ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ମିଣିଆକା ପ୍ରକାଶ କରିଛନ୍ତି। ତେବେ ନିଜ ମହକିଲଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ହେତୁ ଡୁଡା ମୁଖ୍ୟ ନିର୍ବାହୀ ଅଧିକାରୀ, ଗୁଣୁପୁର ପୌର ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀଙ୍କୁ ନୋଟିସ୍ ଜାରି କରାଯାଇଥିବା ନେଇ ଶ୍ରୀ ମିଣିଆକା ସ୍ପଷ୍ଟ କରିଛନ୍ତି। ତେବେ ଏନେଇ ଗୁଣପୁର ପୌରନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀ ଡ଼ି. ଯୁଧିଷ୍ଠିରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଏଯାଏଁ ଯୋଗାଯୋଗ ହୋଇପାରିନାହିଁ। ପ୍ରକଳ୍ପ ନିର୍ମାଣ ପାଇଁ ସମ୍ଭାବ୍ୟତା ନଥିବା ସତ୍ତ୍ୱେ ଅଧିକାରୀମାନେ ଏଭଳି ବେଆଇନ୍ କାର୍ଯ୍ୟକଳାପ ପାଇଁ କାହିଁକି ଏତେ ଆତୁର ତାହା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଅଧିକାରୀମାନେ ବେଆଇନ୍ କାର୍ଯ୍ୟକଳାପରୁ କ୍ଷାନ୍ତ ରହିବା ପାଇଁ ସାଧାରଣରେ ଦାବି ହେଉଛି।






# ପ୍ରୋଜେକ୍ଟ ସ୍ୱରାଜ୍ୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ମହାନଦୀ ସଫେଇ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ସ୍ଥିତ ଫକୀରପଡ଼ା ଠାରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଦାରା ଅନୁଷ୍ଠିତ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କର ମାଗଣା ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଆଇବ୍ଲିଙ୍କ ସହ ସେଣ୍ଟର ଫର୍ ସାଇଟ୍ ଆଇ ହସ୍ପିଟାଲ୍, ଭୁବନେଶ୍ୱର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ୧୮ ତାରିଖ ସକାଳ ୮ ଘଟିକା ଠାରୁ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରୋଜେକ୍ଟ ସ୍ୱରାଜ୍ୟର ସଂପାଦିକା ଡଲି ଦାସଙ୍କ ତତ୍ତ୍ୱାବଧାନରେ ଏହା ସଙ୍ଗଠିତ ହୋଇଥିଲା ପ୍ରୋଜେକ୍ଟ ସ୍ୱରାଜ୍ୟ କର୍ମକର୍ତ୍ତା ଓ ଅନ୍ତେବାସୀ ଓ ସ୍ଥାନୀୟ ଜନସାଧାରଣ ଶିବିରରେ ଅଂଶଗ୍ରହଣ କରି ନିଜର ଚକ୍ଷୁ ପରୀକ୍ଷଣ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜ୍ୟର କର୍ମକର୍ତ୍ତା ରତିକାନ୍ତ ରଣା, ପ୍ରଶାନ୍ତଦଳ ବେହେରା, ଦେବେନ୍ଦ୍ର ମହାନ୍ତି, ପ୍ରସନ୍ନ ମହାନ୍ତି, ରୁଦ୍ରାଶିସ୍ ଦାସ, ମମତା ମହାନ୍ତି, ହମିଦା ଖାତୁନ୍, ଦରକ୍‌ସାନ୍ ମହାଜବିନ୍ ଏବଂ ଆଇବ୍ଲିଙ୍କ ସମସ୍ତ କର୍ମକର୍ତ୍ତା ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସେହିପରି ମହାନଦୀ ସ୍ଥିତ ଗଡ଼ଗଡ଼ିଆ ଘାଟ ଠାରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଓ ନିଉ ଭିଜନ୍ ଫାଉଣ୍ଡେସନ୍ ଦ୍ୱାରା ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'ପରିଷ୍କାର କର ଆଜି, ସବୁଜ ହେବ କାଲି', ପରିବେଶ ସୁରକ୍ଷା ଜୀବନରକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରୋଜେକ୍ଟ ସ୍ୱରାଜ୍ୟର ସମ୍ପାଦିକା ଡଲି ଦାସ ଏବଂ ନିଉ ଭିଜନ୍ ଫାଉଣ୍ଡେସନ୍‌ର ସଭାପତି ବିକ୍ରମ କେଶରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଓ ନିଉ ଭିଜନ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ନଫିସା, ପୁଷ୍ପା ଜୀ, ରତିକାନ୍ତ ରଣା, ପ୍ରଶାନ୍ତଦଳ ବେହେରା, ମମତା ମହାପାତ୍ର, ହମିଦା ଖାତୁନ୍, ରୁଦ୍ରାଶିସ୍ ଦାସ ଏବଂ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସାମ୍ବାଦିକ ନିଳାମ୍ବର ନାୟକଙ୍କ ପିତା ନରେନ୍ଦ୍ର ନାୟକ (୯୨)ଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ରାତିରେ ତାଙ୍କ ରାଇଘର ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ଶ୍ରୀ ନାୟକ ୧୯୭୫ରୁ ରାଇଘର ବ୍ଲକ ଅଞ୍ଚଳରେ ଜଣେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇଥିଲେ। ସେ ଜଣେ ମେଳାପି ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ତାଙ୍କ ଧର୍ମପତ୍ନୀ, ପୁଅ, ବୋହୂ ଓ ୨ ନାତି ଉପସ୍ଥିତ ଥିଲେ। ଶନିବାର ସକାଳେ ସ୍ଥାନୀୟ ଶ୍ମଶାନରେ ବଡପୁଅ ନିଳାମ୍ବର ମୁଖାଗ୍ନି ଦେଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଦିଆଯାଇଛି।

# ବାଲେଶ୍ୱରରେ ପସରା ମେଲିଲା 'ଗାଁ ଆମ୍ବ'




**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱରରେ ଓର୍‌ମାସ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲେଶ୍ୱରରେ ଗାଁ ଆମ୍ବର ପ୍ରଚାର ପ୍ରସାର ସହ ଓଡ଼ିଶାର ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଆମ୍ବ ଯୋଗାଇବା ଉଦ୍ଦେଶ୍ୟରେ ବାଲେଶ୍ୱର ସ୍ଥିତ ମିଶନ ଶକ୍ତି ବଜାର ପ୍ରାଙ୍ଗଣରେ ଗାଁ ଆମ୍ବ ପସରା - ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହା ରଜ ପର୍ବ ଅର୍ଥାତ୍ ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ। ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓର୍‌ମାସ୍ ଶାନ୍ତନୁ ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଖୁବ୍ ଭଲରେ ସମ୍ପାଦନ ହେଉଛି। ଓଡ଼ିଶାର ଗ୍ରାମୀଣ ଚାଷୀମାନଙ୍କୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଅଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ଗୋପାଳ ଭୋଗ, ରାଜ ଭୋଗ, ଆମ୍ରପଲ୍ଲୀ ଓ ବାଇଗଣ ପଲ୍ଲୀ ଭଳି ବିଭିନ୍ନ ପ୍ରଜାତି ଅନୁଯାୟୀ କିଲୋଗ୍ରାମ ପିଛା ୬୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ବାଲେଶ୍ୱର ଜୀବିକା ପ୍ରଡୁସର କମ୍ପାନୀ ଲିମିଟେଡ଼ ଏବଂ ନୀଳଗିରି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଛି।

# ବୌଦ୍ଧ ଜିଲ୍ଲା ପରିଷଦ ବୈଠକ

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚାୟତ ଭବନ ସଭାଗୃହରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ବୌଦ୍ଧ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ କଣ୍ଟାମାଳ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଉମ୍ବରୁଧର କହଁର, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ଏବଂ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ଯୋଗଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ପଞ୍ଚଦଶ କେନ୍ଦ୍ର ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ, ଜିଲ୍ଲା ପରିଷଦ ଉନ୍ନୟନ ଯୋଜନା, ପଞ୍ଚାୟତିରାଜ ଏବଂ ଅନ୍ୟାନ୍ୟ ବିଭାଗ ଗୁଡ଼ିକର ପ୍ରଗତି ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦାସ ଜିଲ୍ଲାର ସମସ୍ତ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ, ଟେକ୍ସଟାଇଲ୍, ଶ୍ରମ ଓ ନିଯୁକ୍ତି, ଜଙ୍ଗଲ ଓ ପରିବେଶ, ବିଦ୍ୟାଳୟ ଓ ଗଣଶିକ୍ଷା, ମିଶନ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟଜଳ, ଶକ୍ତି, ପୂର୍ତ୍ତ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟକ୍ରମ ଉପସ୍ଥାପନ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାଗଲା ଯେ, ଜିଲ୍ଲାରେ ୮୨୫୬୦ ଜଣ କୃଷକ ସିଏମ୍ କିଶାନ ସହାୟତା ଏବଂ ୪୯୫୫୭ ଜଣ କୃଷକ ପିଏମ୍ କିଶାନ ସହାୟତା ପାଇଛନ୍ତି। ଆର୍ଥିକ ୨୦୨୫-୨୬ ବର୍ଷରେ ୨୦୦ଟି ଟ୍ରାକ୍ଟର କୃଷକ ମାନଙ୍କୁ ଯୋଗାଇଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗରେ ୨୩୯ ରୁ ୧୦୦ ଜଣ ଡାକ୍ତର, ୪୩ ଜଣ ସ୍ପେସାଲିଷ୍ଟରୁ ୧୯ ଜଣ ଏବଂ ୨୫୮ ଜଣରୁ ୯୯ ଜଣ ଷ୍ଟାଫନର୍ସ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ୧୨୨୬ ଉଠାଜଳ ସେଚନ ପ୍ରକଳ୍ପ ଦ୍ୱାରା ୩୦୨୯୦ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆଯାଉଛି। ଜିଲ୍ଲାରେ ୫ ଗୋଟି ମେଗାଲିଫ୍ଟ ଇରିଗେସନ୍ ପ୍ରୋଜେକ୍ଟ ଦ୍ୱାରା ୮୯୭୦ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆଯିବ। ବୌଦ୍ଧ ବିଧାୟକ କହିଲେ ଯେ, ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ଅସୁରକ୍ଷିତ ଘର ଗୁଡ଼ିକୁ ଶୀଘ୍ର ଭଙ୍ଗାଯିବା ସହିତ ଏଠାରେ ପାଇପ୍ ଯୋଗେ କିମ୍ବା ନଳକୂପ ମାଧ୍ୟମରେ ପାନୀୟ ଜଳ ସୁବିଧା ଯୋଗାଇଦିଆଯିବ। ଏହା ସହିତ ବୌଦ୍ଧ ସହରର କଳେବର ବୃଦ୍ଧି ପାଉଥିବାରୁ ଅବିରତ ବିଦ୍ୟୁତ ଯୋଗାଣ ପାଇଁ ଏଠାରେ ଏକ ସ୍ୱତନ୍ତ୍ର ଗ୍ରିଡ୍ ବ୍ୟବସ୍ଥା କରାଯିବ, ଜିଲ୍ଲାରେ ରୋଜଗାର ସୃଷ୍ଟି ପାଇଁ ଏକ ଇନ୍‌ଭେଷ୍ଟର ମିଟ୍ ଆୟୋଜନ କରାଯାଇ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଆମନ୍ତ୍ରଣ କରିବା ଏବଂ ଶ୍ରମ ଭିତ୍ତିକ ଇଣ୍ଡଷ୍ଟ୍ରି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକ କଣ୍ଟାମାଳ ଶ୍ରୀ ଡାଙ୍ଗ କହିଥିଲେ ଯେ, ବୌଦ୍ଧ ଜିଲ୍ଲାରେ ବହୁ ପରିମାଣରେ କପା ଚାଷ ହେଉଥିବାରୁ ଏଠାରେ କଟନ୍ ଇଣ୍ଡଷ୍ଟ୍ରି ସ୍ଥାପନ ସହ ଇକୋ-ଟୁରିଜମ୍‌ର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏହା ସହିତ ବର୍ଷାଋତୁ ଅବ୍ୟବହିତ ପୂର୍ବରୁ ସମସ୍ତ ରାସ୍ତାଘାଟ ଓ ପାନୀୟଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟସମ୍ପନ୍ନ ଓ ମରାମତି ଯଥାଶୀଘ୍ର ସାରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଧାୟକ ଜିଲ୍ଲାର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ଜନପ୍ରତିନିଧି ମାନଙ୍କ ପରାମର୍ଶ ନେବା ସହିତ ଏଥିରେ ସେମାନଙ୍କୁ ସାମିଲ କରିବାପାଇଁ ଆହ୍ୱାନ୍ ଦେଇଥିଲେ। ଜିଲ୍ଲାପାଳ "ଏକ ଜିଲ୍ଲା ଏକ ଉତ୍ପାଦ" କ୍ରମରେ ବୌଦ୍ଧ ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ଉତ୍ପାଦ ସ୍ଥିର କରିବା ପାଇଁ ଗୃହରେ ଉପସ୍ଥାପନ କରିଥିଲେ। ଜିଲ୍ଲାରେ କଳ କାରଖାନା ସ୍ଥାପନ କରିବାକୁ ଆଗ୍ରହୀ ଉଦ୍ୟୋଗୀ ମାନଙ୍କୁ ସମସ୍ତ ସୁବିଧା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦିଆଯିବ ବୋଲି କହିଥିଲେ। ସମସ୍ତ ଜନ ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ସମସ୍ତ ବ୍ଲକର ବିଡିଓ, ଲାଇନ୍ ବିଭାଗର ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



32 YEARS

ସମ୍ବାଦ କଳିକା

ଭୁବନେଶ୍ୱର,୦୨ ଜୁନ୍, ମଙ୍ଗଳବାର,୨୦୨୬



# ଆରସିବିକୁ ମିଳିଲା ୨୦ କୋଟି, ହେଲେ ବୈଭବଙ୍କୁ ମିଳିଲା ଅରେଞ୍ଜକ୍ୟାପ୍ ସହ ୪୫ ଲକ୍ଷ ଟଙ୍କା



**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫାଇନାଲରେ ଗୁଜରାଟ ଟାଇଟାନ୍ସକୁ ୫ ୱିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଥର ପାଇଁ ଆଇପିଏଲ ୨୦୨୬ ଟ୍ରଫି ଜିତିଛି। ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଆରସିବି ଗୁଜରାଟ ଟାଇଟାନ୍ସକୁ ମୋଟ ୧୫୫ ରନ୍‌ରେ ସୀମିତ ରଖିଲା। ଟାର୍ଗେଟର ପିଛା କରୁଥିବା ସମୟରେ, ବିରାଟ କୋହଲି ୭୫ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଫାଇନାଲରେ କୋହଲିଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ପୁରସ୍କାର ଦିଆଯାଇଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କୁ 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ବିବେଚିତ କରାଯାଇଥିଲା, ସେ ଅରେଞ୍ଜ କ୍ୟାପ୍ ସମେତ ଅନେକ ପୁରସ୍କାର ଜିତିଥିଲେ।

ଚାମ୍ପିଅନ ହେବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୨୦ କୋଟି ପୁରସ୍କାର ମିଳିଥିଲା। ଦଳଟି କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଛି, ସମାନ ସ୍ଥାନରେ ଉଭୟ ଟ୍ରଫି ହାସଲ କରିଛି। ରନର୍ସଅପ ହୋଇଥିବା ଗୁଜରାଟ ଟାଇଟାନ୍ସକୁ ୧୨.୫ କୋଟି ମିଳିଥିଲା।

ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ ବିଜେତା ଥିଲେ; ଏହା ସହିତ, ତାଙ୍କୁ ସିଜିନର ସବୁଠାରୁ ମୂଲ୍ୟବାନ ଖେଳାଳି, ସିଜିନର ଉଦୀୟମାନ ଖେଳାଳି, ସିଜିନର ସୁପର ଷ୍ଟ୍ରାଇକର ଏବଂ ସର୍ବାଧିକ ଛକା ମାରିବା ପାଇଁ ପୁରସ୍କାର ମିଳିଥିଲା। ମୋଟ, ସେ ୪୫ ଲକ୍ଷ ପୁରସ୍କାର ରାଶି ପାଇଥିଲେ, ଯେଉଁଥିରେ ଏକ ସିଏରା କାର୍ ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

# ଆଇପିଏଲରେ ସୂର୍ଯ୍ୟବଂଶୀଙ୍କ କମାଲ୍ : ଟିମ୍ ଇଣ୍ଡିଆରେ ଖେଳିବାପାଇଁ ବଢ଼ିଲା ଦାବି

**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ କ୍ରିକେଟରେ ଜଣେ ବିସ୍ମୟ ସୃଷ୍ଟି ହୋଇଛନ୍ତି। ସମସ୍ତଙ୍କ ମୁହଁରେ ଏବେ ତାଙ୍କର ଆଲୋଚନା। ସେ ହେଉଛନ୍ତି ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। କମ୍ ବୟସରେ ସେ ବଡ଼ ବିସ୍ଫୋରଣ କରିଛନ୍ତି। ତାଙ୍କର ବ୍ୟାଟିଂର ଜଲୱାରେ ସମସ୍ତେ ଦିବାନା ପାଲଟି ଯାଇଛନ୍ତି। ବିଶ୍ୱର ବଡ଼ ବଡ଼ ବୋଲରଙ୍କୁ ଶକ୍ତ ପ୍ରହାର କରି ବଲକୁ ବାଉଣ୍ଡରୀ ପାର କରିବାରେ ପାଲଟିଛନ୍ତି ମାହିର। ରାଜସ୍ଥାନ ରୟାଲ୍ସର ଓପନର ଆଇପିଏଲ ୧୦୧୬ରେ କରିଛନ୍ତି କମାଲ। ସେ ଏହି ସିଜନରେ ୧୬ଟି ମ୍ୟାଚ୍‌ରେ ୭୭୬ ରନ କରିଛନ୍ତି, ଯେଉଁଥିରେ ୨୩୭.୩୦ ରହିଛି ତାଙ୍କର ଷ୍ଟ୍ରାଇକ୍ ରେଟ୍। ସବୁଠୁ କମ୍ ବୟସରେ ସେ ଅରେଞ୍ଜ କ୍ୟାପ୍ ଜିତିବାର ଗୌରବ ହାସଲ କରିଛନ୍ତି। ତାଙ୍କର ବ୍ୟାଟରୁ ୭୨ଟି ଛକା ବାହାରିଛି, ଯାହାକି ନୂଆ ରେକର୍ଡ। ସୂର୍ଯ୍ୟବଂଶୀଙ୍କୁ ଭାରତର ସିନିୟର ଟିମ୍‌ରେ ସାମିଲ କରିବାକୁ ଚର୍ଚ୍ଚା ଜୋର ଧରିଛି।



ବିସିସିଆଇର ପୂର୍ବତନ ଚିଫ୍ ସିଲେକ୍ଟର ଏମଏସକେ ପ୍ରସାଦ ମଧ୍ୟ ସୂର୍ଯ୍ୟବଂଶୀଙ୍କୁ ଖୁବ ଶୀଘ୍ର ଟିମ୍ ଇଣ୍ଡିଆରେ ଏଣ୍ଟ୍ରି ଦେବାକୁ ଦାବି କରିଛନ୍ତି। ସେ ଆଇପିଏଲର ୧୯ତମ ସିଜନର ଶେଷ ହେବା କ୍ଷଣି କହିଛନ୍ତି, ଏହି ଯୁବ ଓପନରଙ୍କୁ ଆୟରଲାଣ୍ଡ ଗସ୍ତରେ ଚୟନ କରାଯିବା ଉଚିତ୍। ଭାରତ ୨୬ ଜୁନରୁ ଆୟରଲାଣ୍ଡ ବିରୋଧରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ।

ପ୍ରସାଦ କହିଛନ୍ତି, ସୂର୍ଯ୍ୟବଂଶୀ କେବଳ ଜଣେ ଅସାଧାରଣ ପ୍ରତିଭା ନୁହନ୍ତି, ସେ ଟି-୨୦ କ୍ରିକେଟରେ ୱାର୍ଲ୍ଡର ବେଷ୍ଟ ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ତାଙ୍କୁ ତୁରନ୍ତ ଭାରତୀୟ ଟିମ୍‌ରେ ସାମିଲ କରାଯିବା ଉଚିତ୍। ଇଣ୍ଡିଆନ-ଏ ସହ ଶ୍ରୀଲଙ୍କା ଗସ୍ତ ପରେ ତାଙ୍କୁ ଆୟରଲ୍ୟାଣ୍ଡ ବିରୋଧରେ ସିରିଜ୍ ପାଇଁ ଭାରତୀୟ ଟିମ୍‌ରେ ଚୟନ କରାଯିବା ଉଚିତ୍। ମୋର ଆଶା ଯେ, ତାଙ୍କୁ ଭାରତର ସିନିୟର ଟିମ୍‌ରେ ଚୟନ କରାଯାଇ ପାରେ। ମୋର ପୂରା ବିଶ୍ୱାସ ଯେ, ସେ ଶ୍ରୀଲଙ୍କାରେ ଭାରତ ପକ୍ଷରୁ ଭଲ ପ୍ରଦର୍ଶନ କରିବେ। ତାଙ୍କୁ ଅପେକ୍ଷା କରେଇବାର କୌଣସି ଅର୍ଥ ନାହିଁ। ସେ ଶୀଘ୍ର ଭାରତ ପାଇଁ ଖେଳିବେ ଏବଂ ଦୀର୍ଘ ଦିନ ଯାଏ ଖେଳି ଚାଲିବେ। ସେ କହିଛନ୍ତି – ଇଣ୍ଡିଆ ୱାନ୍ ପାଇଁ ଖେଳିବା ଏବଂ ତା'ପରେ ଟିମ୍ ଇଣ୍ଡିଆ ପାଇଁ ଖେଳିବା ସାଧାରଣ କଥା। ହେଲେ ବିଶ୍ୱର ବେଷ୍ଟ ଟିମ୍‌ଗୁଡ଼ିକ ମଧ୍ୟରେ ହାଇ ପ୍ରେସର ଆଇପିଏଲ ଖେଳିବା ଭାରତୀୟ ଟିମ୍‌ରେ ସ୍ଥାନ ବନାଇବା ସବୁଠୁ ଭଲ ଉପାୟ। ମୋର ଅନୁମାନ ସିଲେକ୍ଟର୍ସ ମଧ୍ୟ ଏହା ଭାବୁଛନ୍ତି।

ପୂର୍ବତନ ସିଲେକ୍ଟର ସୂର୍ଯ୍ୟବଂଶୀଙ୍କୁ ଟି-୨୦ ବ୍ୟତୀତ ଅନ୍ୟ ଫର୍ମାଟରେ ମଧ୍ୟ ଚେଷ୍ଟା କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରସାଦ କହିଛନ୍ତି, ସେ ଇଣ୍ଡିଆ ନୁହେଁ ବିଶ୍ୱର ବେଷ୍ଟ ଖେଳାଳିଙ୍କ ମଧ୍ୟରେ ଜଣେ। ସେ ଜଣେ ବଡ଼ ସରପ୍ରାଇଜ୍ ପ୍ୟାକେଜ୍। ତାଙ୍କୁ ଇଣ୍ଡିଆ ପାଇଁ ଟି-୨୦ ଇଣ୍ଟରନ୍ୟାସନାଲ ଖେଳିବା ଉଚିତ, କିନ୍ତୁ ଦୁଇ ବର୍ଷ ଯାଏ ତାଙ୍କ ଉପରେ ଭଲ ଭାବେ ନଜର ରଖିବା ଉଚିତ୍। ତାଙ୍କୁ ଧୀରେ ଧୀରେ ଟି-୨୦ରୁ ଆରମ୍ଭ କରି ୱାନଡେ ଓ ଅନ୍ୟ ଫର୍ମାଟରେ ଖେଳାଯିବା ଉଚିତ୍। ଲମ୍ବା ଫର୍ମାଟ ଖେଳିବାର ଦକ୍ଷତା ତାଙ୍କ ଠାରେ ଅଛି, କାରଣ ସେ ଦେଖାଇ ଦେଇଛନ୍ତି, ସେ ବିଶ୍ୱର ବେଷ୍ଟ ଖେଳାଳିଙ୍କୁ ବି ପାଣି ପିଆଇ ଦେଇ ପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ଖେଳକୁ ଭଲ ଭାବେ ବୁଝି ପାରୁଛନ୍ତି। ପ୍ରସାଦ ଏହା ସହ କହିଛନ୍ତି, ସୂର୍ଯ୍ୟବଂଶୀଙ୍କ ଏବେ ଭଲ ଭାବେ ଦାୟିତ୍ୱ ନେବା ଖୁବ୍ ଜରୁରୀ। ସେ କହିଛନ୍ତି, ମୋ ମତରେ ତାଙ୍କୁ କିଛି ସମୟ ପାଇଁ ଭିଭିଏସ ଲକ୍ଷ୍ମଣ କିମ୍ବା ରାହୁଲ ଦ୍ରାବିଡ଼ଙ୍କ ମାର୍ଗଦର୍ଶନରେ ରହିବା ଉଚିତ୍। ସେ ହିଁ ଏମିତି ଲୋକ, ଯିଏ ତାଙ୍କୁ ବିନମ୍ରତା ଜାରି ରଖିବା ଶିଖାଇ ପାରିବେ। ଏହି ସ୍ତରରେ ତାଙ୍କର କ୍ୟାରିୟରକୁ ସଠିକ୍ ଦିଗ ଦେବାକୁ ଏହା ଜରୁରୀ।

# ବିଶ୍ୱକପ୍ ଫୁଟ୍‌ବଲ ସିଧା ପ୍ରସାରଣକୁ ଜିଓ'ର ସ୍ପୋର୍ଟସ ନେଟୱର୍କ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ଜିଓହଟଷ୍ଟାରରେ ଦେଖିପାରିବେ ଭାରତୀୟ ପ୍ରଶଂସକ

**ନୂଆଦିଲ୍ଲୀ**



ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ଜୀଲ୍) ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ସହ ଏକ ୮ବର୍ଷୀୟା ପାର୍ଟନରସିପ୍ ଚୁକ୍ତି କରଥିବା ସୋମବାର ପ୍ରକାଶ କରିଛି।

ଫଳତଃ ଜୀ ଏଣ୍ଟରଟେନ୍‌ମେଣ୍ଟ ଭାରତୀୟ ବଜାରରେ ବିଶ୍ୱକପ୍ ୨୦୨୬ ସମେତ ଫିଫା ଦ୍ୱାରା ପରିଚାଳିତ ୩୯ ଗ୍ଲୋବାଲ ଇଭେଣ୍ଟର ସିଧାପ୍ରସାରଣ କରିବ। ଫିଫା ବିଶ୍ୱକପ୍ ୨୦୨୬ ଆସନ୍ତା ଜୁନ୍ ୧୧ରୁ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଫୁଟ୍‌ବଲ ପ୍ରେମୀମାନେ ଏହାର ସିଧା ପ୍ରସାରଣ ଜିଓ'ର ସ୍ପୋର୍ଟସ ନେଟୱର୍କ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ଜିଓହଟଷ୍ଟାର ଜରିଆରେ ଦେଖିପାରିବେ।

# ସଚିନ୍ କି କୋହଲି ନୁହନ୍ତି : ଗାଭାସ୍କରଙ୍କୁ ସୁପରହିରୋ ମାନିଲେ ବୈଭବ

**ନୂଆଦିଲ୍ଲୀ**



ବ୍ୟାଟିଂ ବିସ୍ମୟ ବୈଭବ। ସର୍ବଦା ଗଣମାଧ୍ୟମରେ ଚର୍ଚ୍ଚାରେ ରହିଥାନ୍ତି। ଏହି ୧୫ ବର୍ଷୀୟ ଯୁବ କ୍ରିକେଟରଙ୍କ ଦମ୍‌ଦାର ବ୍ୟାଟିଂ ପାଇଁ ପ୍ରଶଂସା ସାଉଁଣ୍ଟିଛନ୍ତି। ଯଦିଓ ରାଜସ୍ଥାନ ଫାଇନାଲ ଖେଳିନାହିଁ ତଥାପି ବୈଭବ ଚଳିତ ସିଜିନରେ ଅନେକ ପୁରସ୍କାର ଜିତିଛନ୍ତି। ସେ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ, ଏନରଜିଂ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ, ସୁପର ସିକ୍ସର ଏବଂ ଅରେଞ୍ଜ କ୍ୟାପ୍ ପୁରସ୍କାର ପାଇଥିଲେ। ତେବେ ଫାଇନାଲ ମୁକାବିଲା ପରେ ପୁରସ୍କାର ବିତରଣ ସମୟରେ ଗାଭାସ୍କରଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି।

ବୈଭବ କହିଛନ୍ତି କି, ମୋ ବାପା ପିଲାବେଳେ ପ୍ରାୟତଃ ଆପଣଙ୍କ ବିଷୟରେ ମୋତେ କୁହନ୍ତି। ମୁଁ ଯେତେବେଳେ ଛୋଟ ଥିଲି ଘର ପାଖରେ ଏକ ସିମେଣ୍ଟ ପିଚ୍ ମୋ ବାପା ପ୍ରସ୍ତୁତ କରିଥିଲେ। ମୁଁ ଭଲ ସଟ୍ ମାରୁଥିଲି। ତଥାପି ବୋଲରମାନେ ହଇରାଣ କରିବା ପାଇଁ ମୋତେ ବାଉନ୍ସର ପକାନ୍ତି। ସେମାନେ ଜାଣିଶୁଣି ବାଉନ୍ସର ପକାଇ ହଇରାଣ କରୁଥିଲେ। ବାପା କୁହନ୍ତି ଗାଭାସ୍କର ଜଣେ ମହାନ ବ୍ୟାଟ୍ସମ୍ୟାନ। ତା ତୁ ତାଙ୍କ ଭଳି ମାରେ।

ବାପା କୁହନ୍ତି ଗାଭାସ୍କର ବିନା ହେଲମେଟ୍‌ରେ ପେସର ବୋଲରଙ୍କୁ ସାମ୍ନା କରୁଥିଲେ। ୱେଷ୍ଟଇଣ୍ଡିଜ୍‌ର ଦ୍ରୁତ ବୋଲରଙ୍କ ବିପକ୍ଷରେ ମଧ୍ୟ ହେଲମେଟ୍ ପିନ୍ଧୁନଥିଲେ। ସେ ପୁଲ ସଟ୍‌ରେ ଛକା ମାରୁଥିଲେ। ଯାହାଦ୍ୱାରା ମୁଁ ପ୍ରେରଣା ପାଇଲି। ଯାହା ମୋତେ ଏବେ ବହୁତ କାମରେ ଆସୁଥିବା ପ୍ରକାଶ କରିଛନ୍ତି। ତେବେ ଅନେକ କୁହନ୍ତି କି, ବୈଭବ କେବଳ ସୀମିତ ଓଭରରେ ରହିଯିବେ। ସେ କେବଳ ଟି-୨୦ କ୍ରିକେଟ ଖେଳିବେ। ମାତ୍ର ସେ ଟେଷ୍ଟ କ୍ରିକେଟ ଖେଳିବା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରିଛନ୍ତି।

# ଫାଇନାଲ ପରେ ଅଘଟଣ : ମ୍ୟାଚ୍ ସାରି ଫେରୁଥିବା ଗୁଜରାଟ ଟିମ୍ ବସ୍‌ରେ ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରବିବାର ରାତିରେ ଆଇପିଏଲ୍ ୨୦୨୬ ର ଫାଇନାଲ ମ୍ୟାଚ୍ ହାରିବା ପରେ ଗୁଜରାଟ ଟାଇଟନ୍ସ ଶିବିରରୁ ଏକ ଅତ୍ୟନ୍ତ ଭୟାନକ ଖବର ସାମ୍ନାକୁ ଆସିଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରୁ ମ୍ୟାଚ୍ ହାରି ହୋଟେଲ ଫେରୁଥିବା ଗୁଜରାଟ ଟାଇଟନ୍ସର ଟିମ୍ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଭାଗ୍ୟବଶତଃ ସମୟ ଥାଉ ଥାଉ ସମସ୍ତ ଖେଳାଳି ଏବଂ ଷ୍ଟାଫ୍‌ଙ୍କୁ ବସ୍‌ରୁ ସୁରକ୍ଷିତ ଭାବେ ବସ୍‌ରୁ ବାହାର କରି ଦିଆଯାଇଥିଲା। ଯାହାଫଳରେ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି।

ଏହି ଘଟଣା ରବିବାର ବିଳମ୍ବିତ ରାତିର ଅଟେ। ଯେତେବେଳେ ମ୍ୟାଚ୍ ଶେଷ ହେବା ପରେ ଦଳ ଷ୍ଟାଡିୟମରୁ ନିଜ ହୋଟେଲ ଅଭିମୁଖେ ଫେରୁଥିଲା। ରାସ୍ତାରେ ହଠାତ୍ ବସ୍ ଭିତରେ ସର୍ଟ ସର୍କିଟ୍ ହୋଇଥିଲା, ଯାହା ପରେ ବସ୍‌ରୁ ଧୂଆଁ ଏବଂ ନିଆଁର ଶିଖା ବାହାରିବାକୁ ଲାଗିଥିଲା। ନିଆଁ ଲାଗିବା ବିଷୟରେ ଜଣାପଡ଼ିବା ମାତ୍ରେ ତୁରନ୍ତ ବସ୍‌କୁ ଅଟକାଯାଇଥିଲା ଏବଂ ସତର୍କତା ଦେଖାଇ ଅଧିନାୟକ ଶୁଭମନ ଗିଲ୍‌ଙ୍କ ସମେତ ସମସ୍ତ ଖେଳାଳି, କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ତୁରନ୍ତ ବାହାରକୁ ଅଣାଯାଇଥିଲା।

ଏହି ଦୁର୍ଘଟଣାରେ କୌଣସି ଖେଳାଳି କିମ୍ବା ଷ୍ଟାଫ୍‌ଙ୍କୁ ଆଘାତ ଲାଗିନାହିଁ ଏବଂ ସମସ୍ତେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ତେବେ ଏହି ଅଗ୍ନିକାଣ୍ଡ ଯୋଗୁଁ ଗୁଜରାଟ ଟାଇଟନ୍ସର ଖେଳାଳିମାନେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ମଝିରେ ଫସି ରହିଥିଲେ। ଯାହା ପରେ ସେମାନଙ୍କ ପାଇଁ ଅନ୍ୟ ଏକ ଗାଡ଼ିର ବ୍ୟବସ୍ଥା କରାଯାଇଥିଲା।

ଗୁଜରାଟ ଦଳ ପାଇଁ ରବିବାର ରାତି ଏକ ଅତ୍ୟନ୍ତ ଦୁଃସ୍ୱପ୍ନ ପରି ଥିଲା। ପ୍ରଥମେ ତ ସେମାନେ ପଡ଼ିଆରେ ଆରସିବି ହାତରୁ ୫ ୱିକେଟରେ ମ୍ୟାଚ୍ ହାରି ଆଇପିଏଲ୍ ୨୦୨୬ ଟ୍ରଫି ଜିତିବାରୁ



ବଞ୍ଚିତ ହେଲେ ଏବଂ ଏହା ପରେ ଯେତେବେଳେ ସେମାନେ ଏହି ଦୁଃଖରୁ ମୁକୁଳିବାକୁ ଚେଷ୍ଟା କରୁଥିଲେ, ସେତିକି ବେଳେ ସେମାନଙ୍କ ବସ୍‌ରେ ନିଆଁ ଲାଗିଗଲା। ଖେଳାଳିମାନଙ୍କ ପାଇଁ ଏହା ଶାରୀରିକ ସହିତ ମାନସିକ ସ୍ତରରେ ମଧ୍ୟ ଅତ୍ୟନ୍ତ କ୍ଳାନ୍ତିକର ଓ ଭୟାନକ ମୁହୂର୍ତ୍ତ ଥିଲା।

ମ୍ୟାଚ୍ ପୂର୍ବରୁ ଏତେ ଦୀର୍ଘ ଏବଂ କ୍ଳାନ୍ତିକର ଯାତ୍ରା କରିବା ପରେ କ'ଣ ଫାଇନାଲରେ ଆରସିବି ସମ୍ମୁଖରେ ଗୁଜରାଟ ଆତ୍ମସମର୍ପଣ କରିବାର ମୁଖ୍ୟ କାରଣ କ୍ଳାନ୍ତି ଥିଲା? ଏହି ପ୍ରଶ୍ନ ଉପରେ ପୋଷ୍ଟ-ମ୍ୟାଚ୍ ପ୍ରେସ୍ କନଫରେନ୍ସରେ ଗୁଜରାଟ ଟାଇଟନ୍ସର ଡାଇରେକ୍ଟର ଅଫ୍ କ୍ରିକେଟ୍ ବିକ୍ରମ ସୋଲାଙ୍କି ଆରସିବିର ବିଜୟକୁ ସମ୍ମାନ ଜଣାଇ କହିଛନ୍ତି, 'ମୁଁ ଏହା କହି ଆରସିବିର ଚମତ୍କାର ବିଜୟର ଶ୍ରେୟକୁ କମ୍ କରିବାକୁ ଚାହୁଁନାହିଁ ଯେ ଆମେ ଏତେ କମ୍ ଦିନରେ ଏତେଗୁଡ଼ିଏ ମ୍ୟାଚ୍ ଖେଳିଲୁ, ଆମେ ବହୁତ କ୍ଳାନ୍ତ ଥିଲୁ ଏବଂ ଏହି କାରଣରୁ ହାରିଗଲୁ। ଆମ ଦଳ ଏଭଳି ବାହାନା କରେନାହିଁ। ଏହା ସତ ଯେ ୧୫୫ ରନର ସ୍କୋର ଏହି ପିଚ୍‌ରେ ବହୁତ କମ୍ ଥିଲା, କିନ୍ତୁ ଆମ ବୋଲରମାନେ ଏହି ଛୋଟ ସ୍କୋରକୁ ମଧ୍ୟ ବଞ୍ଚାଇବା ପାଇଁ ପଡ଼ିଆରେ ଜବରଦସ୍ତ ଲଢ଼େଇ ଦେଖାଇଥିଲେ। ଆମେ ଏହି କଥାର ଆକଳନ ନିଶ୍ଚୟ କରିବୁ ଯେ ଆମେ କେଉଁଠି ଆହୁରି ଭଲ କରିପାରିଥାନ୍ତୁ, କିନ୍ତୁ ଆପଣଙ୍କୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ପ୍ରତିପକ୍ଷ ଦଳ ଆମ ଅପେକ୍ଷା ବହୁତ ଭଲ ଖେଳ ପ୍ରଦର୍ଶନ କଲା।'

# ଚେକ୍ ରିପବ୍ଲିକ୍ ଦଳରେ ସ୍ଥାନ ପାଇଲେ ୧୭ ବର୍ଷୀୟ ମିଡ୍‌ଫିଲ୍ଡର ହୁଗୋ ସୋଚୁରେକ୍



**ପ୍ରେଗ୍**

ବିଶ୍ୱକପ୍ ପାଇଁ ଚେକ୍ ରିପବ୍ଲିକ ଫୁଟ୍‌ବଲ ଦଳରେ ସ୍ପାର୍ଟା ପ୍ରେଗ୍ ୧୭ ବର୍ଷୀୟ ମିଡ୍‌ଫିଲ୍ଡର ହୁଗୋ ସୋଚୁରେକ୍ ସ୍ଥାନ ପାଇଛନ୍ତି। କୋସୋଭୋ ବିପକ୍ଷ ଏକ ୱାର୍ମଅପ୍ ଗେମ୍‌ରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଜାତୀୟ ଦଳ ପାଇଁ ଖେଳିଥିଲେ।

ଚେକ୍‌ରିପବ୍ଲିକର ରବିବାର ଖେଳାଯାଇଥିବା ମ୍ୟାଚ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ସୋଚୁରେକ୍ ଏହି ମ୍ୟାଚ୍‌ରେ ଜଣେ ବଦଳ ଖେଳାଳି ଭାବେ ଖେଳିଥିଲେ। ଏହି ମ୍ୟାଚ ପରେ କୋଚ୍ ମିରୋସ୍ଲାମ ଚେକ୍ ରିପବ୍ଲିକର ଚୂଡ଼ାନ୍ତ ୨୬ ଜଣିଆ ଦଳରେ ତାଙ୍କୁ ସାମିଲ କରିଛନ୍ତି।

# ୧୮ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି : କୋରିଆକୁ ହରାଇଲା ଭାରତ



**ଭୁବନେଶ୍ୱର**

ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାରେ ଭାରତ ବିଜୟ ଧାରାକୁ ଫେରିଛି। ପ୍ରଥମ ମ୍ୟାଚ୍‌ରେ କାଜାଖସ୍ତାନକୁ ହରାଇବା ପରେ ଦ୍ୱିତୀୟରେ ଜାପାନଠୁ ହାରିଯାଇଥିଲା। ସୋମବାର ନିଜର ତୃତୀୟ ମ୍ୟାଚ୍‌ରେ ଭାରତୀୟ ବାଳକ ୪-୧ ଗୋଲ୍‌ରେ କୋରିଆକୁ ପରାସ୍ତ କରିଥିଲେ। ପୁଲ୍-ଏ'ର ନିଜର ଶେଷ ମ୍ୟାଚ୍‌ରେ ଭାରତ ବୁଧବାର ଚାଇନିଜ୍ ତାଇପେକୁ ଭେଟିବ।

ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ରାହୁଲ ଯାଦବଙ୍କ ଚମତ୍କାର ପାସ୍‌କୁ ଭାରତୀୟ ଅଧିନାୟକ କେତନ କୁଶ୍ୱା ଗୋଲ୍‌ରେ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାର ଦୁଇ ମିନିଟ୍ ପରେ ବରିନ୍ଦର ସିଂହ (୫ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ଦ୍ୱିତୀୟ କ୍ୱାର୍ଟରରେ କୋରିଆର ଅଧିନାୟକ ଯୁଇ ଜାଏହିଓକ୍ (୨୧ ମିନିଟ୍) ଗୋଟିଏ ଗୋଲ୍ ଶୁଝି ସ୍ଥିତି ୧-୨ କରିଥିଲେ। ତୃତୀୟ କ୍ୱାର୍ଟରରେ କେତନ (୩୬ ମିନିଟ୍) ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରିବା ସହ ଦଳକୁ ୩-୧ରେ ଆଗୁଆ କରିଥିଲେ। ଶେଷ କ୍ୱାର୍ଟରରେ ସାହରୁଖ ଅଲୀ (୫୪ ମିନିଟ୍)ଙ୍କ ଗୋଲ୍ ବଳରେ ଭାରତ ୪-୧ରେ ବିଜୟ ବାନା ଉଡ଼ାଇଥିଲା।

## ଓମ୍‌ପ୍ରକାଶ ବେହେରା ଓ ସରୋଜ ରଣାଙ୍କ ଲଢୁଆ ବ୍ୟାଟିଂ

# ଆରଆରକେ ପିପିଲିକୁ ପରାସ୍ତ କଲା ଖୋର୍ଦ୍ଧା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓମ୍ ପ୍ରକାଶ ବେହେରାଙ୍କ ଅଲରାଉଣ୍ଡର ପ୍ରଦର୍ଶନ ଓ ୱିକେଟ୍ କିପର ସରୋଜ ରଣାଙ୍କ ଲଢୁଆ ବ୍ୟାଟିଂ ଫଳରେ ଦ୍ୱିତୀୟ ଜେସିଏ କପ୍ ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଆରଆରକେ ପିପିଲିକୁ ୧ ୱିକେଟରେ ପରାସ୍ତ କରିଛି ଟିମ୍ ଖୋର୍ଦ୍ଧା।

ସୋମବାର ଜଟଣୀ କଲେଜ ଗ୍ରାଉଣ୍ଡରେ ଖୋଲାଯାଇଥିବା ଆରଆରକେ ପିପିଲି ଓ ଟିମ୍ ଖୋର୍ଦ୍ଧା ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଆରଆରକେ ପିପିଲି ନିର୍ଦ୍ଧାରିତ ୨୦ ଓଭରରେ ୧୩୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଖିଳ ପ୍ରଧାନ ୩୨ ବଲରେ ୪୦, ପ୍ରତୀକ ନାୟକ ୨୯ ବଲରେ ୩୭ ରନ କରିଥିଲା ବେଳେ ଟିମ୍ ଖୋର୍ଦ୍ଧାର ସଫଳ ବୋଲର ଭାବେ ଜଗନ୍ନାଥ ବେହେରା ୩ଟି, ଓମ୍ ପ୍ରକାଶ ବେହେରା ୩ଟି,

## ୧୬ ବର୍ଷରୁ କମ୍ ଜେସିଏ କପ୍ ସିଜିନ୍-୨ (ୟୁ-୧୬)



ମ୍ୟାନ ଅଫ ଦି ମ୍ୟାଚ୍
ଓମ୍ ପ୍ରକାଶ ବେହେରା



ସରୋଜ ରଣା ଅପରାଜିତା
୪୪ ବଲରେ ୩୫ ରନ୍

ଆର୍ଯ୍ୟନ ପାଟଶାଣୀ ୨ଟି ଏବଂ ଓମ୍ ପ୍ରକାଶ ସାହୁ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଟିମ୍ ଖୋର୍ଦ୍ଧା ୧୯.୩ ଓଭରରେ ୯ ଓିକେଟ ହରାଇ ଆକ୍ରଶ ପଟ୍ଟନାୟକ ୩୩ ବଲରେ ୨୫, ଓମ୍ ପ୍ରକାଶ ବେହେରା ୨୪ ବଲରେ ୩୫ ଏବଂ ୱିକେଟ କିପର ସରୋଜ ରଣା ଅପରାଜିତା ୪୪ ବଲରେ ୩୫ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଓମ୍ ପ୍ରକାଶ ବେହେରାଙ୍କ ଅଲରାଉଣ୍ଡର ପ୍ରଦଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଯାଜପୁରରେ ଜନ ଅଭିଯୋଗ ଶୁଣାଣି : ୧୧୬ଟି ଅଭିଯୋଗର ତତ୍କାଳ ଫଇସଲା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୩୧୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା



ସମ୍ପର୍କୀୟ ୨୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଗୋଟି ରେଡକ୍ରସ ପାଣ୍ଠିରୁ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର , ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ ରଥର ଶୁଭାରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସଚେତନତା ଅଭିଯାନ ରଥର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ



ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅତିଥିମାନେ ସବୁଜ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ।

13001/719/2627

**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 2305 / dt. 30.05.2026**

The Executive Officer, Paradeep Municipality on behalf of Paradeep Municipality, Paradeep, Dist-Jagatsinghpur invites sealed quotations from the intending registered service providers/ Contractor having valid eligible license/ registration certificate, PAN, GSTIN, labour license, EPF and ESI from competent authority in order to engage the manpower for sanitation/ road side berm cutting etc work within Paradeep Municipality area. The service charge should be mentioned clearly in the BoQ/ prescribed format (Annexture-A). The quotation schedule (DTCN) along with terms and conditions can be downloaded from Paradeep Municipality website www.paradeepmunicipality .in **from date.01.06.2026 to date.11.06.2026** on payment of **₹4000.00** (Rupees:- Four Thousand ) only (non-refundable) in shape of Cash/ bank draft/ bankers cheque drawn in favour of Executive Officer, Paradeep Municipality payable at Paradeep from any nationalized bank. The quotation alongwith all documents should reach the office of the Paradeep Municipality, Paradeep on or before **date.12.06.2026 upto 11.00 AM**. Quotation reached after due date and time will not be taken into consideration. The quotation will be opened on the same day at 1.00 PM in presence of the quotationer or their authorized representatives. The undersigned has the rights to accept, cancel or reject any or all the quotations with assigning any reason thereof.

Sd/- Executive Officer
Paradeep Municipality

OIPR-13001/13120/1/26-27/0006

# ୱାର୍ଡ ନଂ ୧୮ର ବିବାଦୀୟ ପ୍ରକଳ୍ପ ନେଇ ସାଧାରଣରେ ଅଭିଯୋଗ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ପୌରପାଳିକା ତଥା ଉନ୍ନୟନ କର୍ତ୍ତୃପକ୍ଷମାନେ ସମ୍ବିଧାନର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ନ୍ୟାୟସଙ୍ଗତ, ସ୍ୱଚ୍ଛ ଓ ଯୁକ୍ତିଯୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରିବାର ବାଧ୍ୟବାଧକତା ରହିଛି। ଉନ୍ନୟନ କାର୍ଯ୍ୟ ନାମରେ ସେମାନେ କୌଣସି ବ୍ୟକ୍ତିଙ୍କ ସ୍ଥାପିତ ନାଗରିକ ଓ ଇଜମେଣ୍ଟ ଅଧିକାରକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ କିମ୍ବା ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଭୂମିର ସ୍ୱରୂପକୁ ମନମୁଖୀ ଭାବରେ ପରିବର୍ତ୍ତିତ କରିପାରିବେ ନାହିଁ। ହେଲେ ଗୁଣପୁର ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ସହକାରୀ ଯନ୍ତ୍ରୀଙ୍କ ପକ୍ଷରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପୌରପାଳିକା ଅନ୍ତର୍ଗତ ନୀଳଚକ୍ର ନଗର ୱାର୍ଡ ନଂ ୧୮ ଠାରେ ପ୍ରସ୍ତାବିତ ଏକ ପ୍ରକଳ୍ପ ନିର୍ମାଣକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ଥିବା ଅଭିଯୋଗ ହୋଇଛି। ପୌରପାଳିକା ଦ୍ୱାରା ପତ୍ର ସଂଖ୍ୟା ୫୦୮, ତା୨୯.୦୧.୨୦୨୬ରେ ୪ ଲକ୍ଷ ୨୩ ହଜାର ମୂଲ୍ୟରେ 'କମ୍ୟୁନିଟି ହଲ୍' ସମ୍ପୂର୍ଣ୍ଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପ୍ରସ୍ତାବିତ ପ୍ରକଳ୍ପଟିକୁ ପୌରପାଳିକାର ସମ୍ପୃକ୍ତ ୱାର୍ଡ ଠାରେ ଘର ସଂଖ୍ୟା ୦୪୨ ଓ ୦୪୩ ମଧ୍ୟରେ ନିର୍ମାଣ କରାଯିବା ନେଇ ସ୍ଥାନ ଚିହ୍ନଟ କରାଯାଇଛି, ଯାହାକୁ ନେଇ ଏବେ ପୌରପାଳିକାର ଅଧିକାରୀମାନଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ପ୍ରସ୍ତାବିତ ସ୍ଥାନଟି ୧୬ ଫୁଟ ବିଶିଷ୍ଟ ହୋଇଥିବା ସ୍ଥଳେ ଏହି ସ୍ଥାନଟିକୁ ସେଠାକାର ସାଧାରଣ ଜନତା ସାହି ରାସ୍ତା ଭାବେ ନାଳକୁ ଯିବା ପାଇଁ ଦଶନ୍ଧି ଦଶନ୍ଧି ଧରି ବ୍ୟବହାର କରିଆସୁଛନ୍ତି। ଅତୀତରେ ଉକ୍ତ ସ୍ଥାନଟିକୁ ନକ୍ସାରେ ରାସ୍ତା ଥିବା ଦର୍ଶାଇ ପ୍ଲଟ୍ ମାଲିକ ରିଅଲ ଇଷ୍ଟେଟ୍ କାରବାର କରିଥିଲେ। ପୂର୍ବରୁ ସମ୍ପୃକ୍ତ ଅଞ୍ଚଳଟି ଗ୍ରାମ ଶାସନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ପ୍ଲଟ୍‌ର ପୂର୍ବ ମାଲିକ ରାଧାକୃଷ୍ଣ ବୈଦ୍ୟଭୂଷଣ ସମ୍ପୃକ୍ତ ପ୍ଲଟ୍‌ର ସମସ୍ତ ରାସ୍ତା ଗୁଡ଼ିକୁ ବିଦ୍ଧିବଦ୍ଧ ଭାବେ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରିଦେଇଥିବା କୁହାଯାଉଛି। ତେବେ ସାମୂହିକ ରାସ୍ତା ଭାବେ ଦୀର୍ଘ ବର୍ଷ ହେବ ବ୍ୟବହାର ହେଉଥିବା ସ୍ଥାନରେ ପୌରପାଳିକା ରାସ୍ତା ଅବରୋଧ କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ନେଇ ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ଘର ନଂ ୦୪୩ ତରଫରୁ ଏ ନେଇ ପୁନଃ ବିଚାର କରାଯିବା ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ନିବେଦନ କରାଯାଇଥିବା ସୂଚନା ରହିଛି। ଏଠାରେ ଉଲ୍ଲେଖ ଥାଉକି ଯେକୌଣସି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରକଳ୍ପର ସମ୍ଭାବ୍ୟତା ଅନୁଧ୍ୟାନ, ପ୍ରକଳ୍ପ ନିର୍ମାଣ ସ୍ଥାନ, ପ୍ରକଳ୍ପ ନିର୍ମାଣ ଦ୍ୱାରା କୌଣସି ବ୍ୟକ୍ତି ବିଶେଷଙ୍କ କ୍ଷୟ କ୍ଷତି, ଅଧିକାରକୁ ହାନି, ଆପତ୍ତି, ଅଭିଯୋଗ ଆଦି ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଫିଜିବିଲିଟି ରିପୋର୍ଟ ସହ ସମ୍ପୃକ୍ତ ସ୍ଥାନର ଜିଓ ଟ୍ୟାଗିଂ ଆଦି ପରେ ଏହାର ବୈଷୟିକ ଆକଳନ ପ୍ରକ୍ରିୟା ସବୁ କରାଯିବା ନିୟମ ରହିଛି। ତେବେ ଏହି କ୍ଷେତ୍ରରେ ଗୁଣୁପୁର ପୌର କାର୍ଯ୍ୟାଳୟର ଅତିରିକ୍ତ ସହକାରୀ ଯନ୍ତ୍ରୀ ରାସ୍ତା ଉପରେ ପ୍ରକଳ୍ପ ନିର୍ମାଣ ପାଇଁ କିଭଳି ଲେଆଉଟ ତଥା ଅନୁମତି ଦେଲେ ତାହା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୀଳଚକ୍ରନଗର ପ୍ଲଟ୍‌ଗୁଡ଼ିକ ଲେଆଉଟ୍ ପ୍ଲାନରେ ସମ୍ପୃକ୍ତ ସ୍ଥାନକୁ ୧୬ ଫୁଟ୍ ରାସ୍ତା ଭାବେ ଦର୍ଶାଯାଇଛି, ଯାହାପରେ ବିଭିନ୍ନ ବ୍ୟକ୍ତି ବିଶେଷ ଏହାକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ଓ ତେଣୁ ଘର ସଂଖ୍ୟା ୦୪୩ ଙ୍କ ପକ୍ଷରେ ଭାରତୀୟ ଇଜମେଣ୍ଟ ଆକ୍ଟ ୧୮୮୨ ଅନୁଯାୟୀ ସେହି ରାସ୍ତା ବ୍ୟବହାର କରିବାର ଏକ ନିହିତ ଅଧିକାର 'ଇମ୍ପ୍ଲାଇଡ୍ ଇଜମେଣ୍ଟ ରାଇଟ୍ସ' ରହିଛି ଓ ସେହି ରାସ୍ତାକୁ ବନ୍ଦ କରିବା କିମ୍ବା ସେଥିରେ ନିର୍ମାଣ କରିବାକୁ ଅନୁମତି ଦେବା ଅଧିକାର ପୌରପାଳିକା କିମ୍ବା କୌଣସି ଅନୁଷ୍ଠାନର ନାହିଁ ବୋଲି ବରିଷ୍ଠ ଆଇନଜୀବୀ ରାମ ଚନ୍ଦ୍ର ମିଣିଆକା ପ୍ରକାଶ କରିଛନ୍ତି। ତେବେ ନିଜ ମହକିଲଙ୍କ ଅଧିକାରକୁ କ୍ଷୁଣ୍ଣ କରୁଥିବା ହେତୁ ଡୁଡା ମୁଖ୍ୟ ନିର୍ବାହୀ ଅଧିକାରୀ,ଗୁଣୁପୁର ପୌର ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀ ଙ୍କୁ ନୋଟିସ ଜାରି କରାଯାଇଥିବା ନେଇ ଶ୍ରୀ ମିଣିଆକା ସ୍ପଷ୍ଟ କରିଛନ୍ତି। ତେବେ ଏ ନେଇ ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀ ଡି. ଯୁଧିଷ୍ଠିରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଏଯାଏଁ ଯୋଗାଯୋଗ ହୋଇ ପାରିନାହିଁ। ତେବେ ଏଭଳି ବେଆଇନ କାର୍ଯ୍ୟକଳାପରୁ କ୍ଷାନ୍ତ ରହିବା ପାଇଁ ସାଧାରଣରେ ଦାବି ହେଉଛି।





# ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**
ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ କଲେଜ ଅଡିଟୋରିୟମରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ଡାକ୍ତର ସତ୍ୟବ୍ରତ ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ, କର୍ମଚାରୀ ସଂଘର ସଭାପତି ସସ୍ମିତା ଭୁୟାଁ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନା, ରବିନ୍ଦ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କଲେଜର ସର୍ବାଙ୍ଗୀନ ବିକାଶରେ ଶ୍ରୀମତୀ ରାଉତରାୟଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ, ନିରାମୟ, ସୁଖ ଓ ଶାନ୍ତିରେ ଅତିବାହିତ ହେଉ ବୋଲି କାମନା କରିଥିଲେ । ଏହି ଅବସରରେ କଲେଜର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଶ୍ରୀମତୀ ରାଉତରାୟଙ୍କ ସହିତ କାର୍ଯ୍ୟ କରିଥିବା ବେଳର ଅନେକ ଅଭୁଲା ସ୍ମୃତି ବଖାଣି ଥିଲେ ଏବଂ ତାଙ୍କୁ ଉପଢ଼ୌକନ, ସ୍ମାରକୀ ଉପହାର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଚୌଦ୍ୱାରରେ କାର୍ଯ୍ୟରତ ସାମ୍ବାଦିକ, ରକ୍ତଦାତା ସଂଗଠନର କର୍ମକର୍ତ୍ତା, କଲେଜ ପୁରାତନ ଛାତ୍ର ସଂସଦ, କଲେଜର ପୁରାତନ ଓ କାର୍ଯ୍ୟରତ କର୍ମଚାରୀମାନଙ୍କ ତରଫରୁ ମଧ୍ୟ ଶ୍ରୀମତୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦର ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା କ୍ଷୀରୋଦ ବେହେରା, ବିଚିତ୍ରା ନନ୍ଦ ସାହୁ, ଶ୍ରୀନିବାସ ସାହୁ, ମୀନାକ୍ଷୀ ପ୍ରଧାନ, ମୁରଲୀଧର ବେହୁରା, ଆଶୁତୋଷ ଦାସ, ପ୍ରଦୀପ ନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ଓଡ଼ିଶା ପ୍ରେସ ଏକାଡେମୀର ୩୨ ତମ ବାର୍ଷିକୋତ୍ସବ

# ସମ୍ବାଦପତ୍ର ଓ ସାମ୍ବାଦିକ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସମ୍ବାଦପତ୍ର ଓ ସାମ୍ବାଦିକ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସାମ୍ବାଦିକ ତା'ର ଶାଣିତ ଲେଖନୀ ବଳରେ ଦୃଢ଼ ଜନମତ ସୃଷ୍ଟି କରିପାରେ । ସେଥିପାଇଁ ବର୍ତ୍ତମାନ ସମୟରେ ସାମ୍ବାଦିକମାନେ ଏକଜୁଟ ହୋଇ ନିର୍ଭୀକ ଭାବେ ସତ୍ୟ, ନିରପେକ୍ଷ ତଥା ଗଠନମୂଳକ ସମ୍ବାଦ ପରିବେଷଣ କଲେ ସରକାର ନିଶ୍ଚିତ ଭାବେ ସେମାନଙ୍କ ଦାବି ପୂରଣ କ୍ଷେତ୍ରରେ ଆଉ ଅବହେଳା କରିବେ ନାହିଁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମତବ୍ୟକ୍ତ କରିଛନ୍ତି ।

ସୋମବାର ସନ୍ଧ୍ୟାରେ ଗୀତଗୋବିନ୍ଦ ପ୍ରେକ୍ଷାଳୟରେ ଓଡ଼ିଶା ପ୍ରେସ ଏକାଡେମୀର ୩୨ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ଘଡାଇ ବର୍ତ୍ତମାନ ଦେଶର ସଙ୍କଟଜନକ ସ୍ଥିତିରେ ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରେସ ଏକାଡେମୀର ଉପାଧ୍ୟକ୍ଷ ସୁଜ୍ଞାନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ସମ୍ବିଧାନ, ଗଣତନ୍ତ୍ର ଓ ଦେଶଗଠନରେ ସାମ୍ବାଦିକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ମିଡିଆ କାଉନ୍‌ସିଲ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଶା ପତ୍ରକାର ସଂଘ'ର ସମ୍ପାଦକ ରବି ରାୟ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ସୁରେଶ ମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସାମ୍ବାଦିକଙ୍କ ସମସ୍ୟା ଉପରେ ମତ ରଖିଥିଲେ । ଏହି ଅବସରରେ ଏକାଡେମୀର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ଅତିଥିମାନଙ୍କ ଦ୍ୱାରା ଏକାଡେମୀର ମୁଖପତ୍ର ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଦାୟଦ' ଉନ୍ମୋଚିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତୀ ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଏକାଡେମୀ ପକ୍ଷରୁ 'ଓଡ଼ିଶା ଟୁଡେ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅବିନାଶ ମିଶ୍ରଙ୍କ ୫୫ତମ ଜୟନ୍ତୀ ଉପଲକ୍ଷେ ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୋଲିସ୍ ମାଡରେ...

ମାରିବା ସହ ଦେହରେ ଗରମ ପାଣି ଢାଳି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ରବିବାର ପୁଲିସ ସୁଶାନ୍ତକୁ ଗୁରୁତର ଅବସ୍ଥାରେ ପରିବାର ଲୋକକୁ ହସ୍ତାନ୍ତର କରିଥିଲା । ତାଙ୍କୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ନିଆ ଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ନ୍ୟାୟ ଦାବିରେ ପରିବାର ଲୋକେ କବିସୂର୍ଯ୍ୟନଗର ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ । ଏ ନେଇ କବିସୂର୍ଯ୍ୟନଗର ଥାନାରେ ଏକ ମାମଲା (୩୪୨/୨୬) ରୁଜୁ ହୋଇଛି ଏବଂ ବୈଦ୍ୟନାଥପୁର ଥାନା ଅପମୃତ୍ୟୁ ମାମଲା(୪୧୨/୨୬) ରୁଜୁ ହୋଇଛି ।

## ସୌମ୍ୟ ହତ୍ୟା ଘଟଣା...

ଭବନ ଯାଇଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ନେଇ ତତ୍‌କାଳୀନ ବାଲିଅନ୍ତା ଆଇଆଇସି ଏନଏଚଆରସି ଟିମ୍ ପାଖରେ ହାଜର ହୋଇଛନ୍ତି । ଏହି ଟିମ୍ ଆସନ୍ତା ୬ ତାରିଖ ଯାଏଁ ଓଡ଼ିଶାରେ ରହି ତଦନ୍ତ କରିବ ।

## ଇଭି ଯାନ...

ହୋଇଛି । ସରକାରୀ ବ୍ୟବହାର ପାଇଁ କେବଳ ଟାଟା, ମହିନ୍ଦ୍ରା ଓ ମାରୁତି ଦ୍ୱାରା ନିର୍ମିତ ଇଲେକ୍ଟ୍ରିକ୍ ଗାଡ଼ି ହିଁ କିଣାଯାଇପାରିବ । କୌଣସି ବି ଇଭି କିଣିବା ପୂର୍ବରୁ ଅର୍ଥ ବିଭାଗର ପୂର୍ବ ସହମତି ବା ଅନୁମତି ନେବା ଅପରିହାର୍ଯ୍ୟ ରହିଛି ।ସରକାରୀ ଗାଡ଼ି ଗୁଡ଼ିକର ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ଓ ସେଗୁଡ଼ିକୁ ସ୍କ୍ରାପ୍ ବା ଅଚଳ ଘୋଷଣା କରାଯିବା ପରେ ହିଁ ନୂଆ ଗାଡ଼ି କିଣାଯାଇପାରିବ । ରାଜ୍ୟରେ "ୱାନ୍ ଅଫିସର ୱାନ୍ ଭେହିକିଲ୍" ନୀତିକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ । ଏହି ନୂଆ ନିୟମ ସମସ୍ତ ସରକାରୀ ବିଭାଗ, ସରକାରୀ ଉଦ୍ୟୋଗ, ସ୍ୱାୟତ୍ତ ଶାସିତ ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସରକାରୀ ସୋସାଇଟି ଗୁଡ଼ିକ ପାଇଁ ସମାନ ଭାବେ ଲାଗୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ଧାର୍ଯ୍ୟ ସମୟରେ...

ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ ।

ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍‌ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ ।

ଏହି ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା । ଏଥି ମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆରଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆରଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ରହିଥିଲା । ଏଥି ସହିତ କାର୍ଯ୍ୟାଦେଶ ହେବାକୁ ଥିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ-୨ ଇଂ ଦୀପକ କୁମାର ପାଣିଗ୍ରାହୀଙ୍କ ସମେତ ବିଦ୍ୟୁତ ବିଭାଗ, ଓପିଟିସିଏଲ୍, କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ, ବିଭିନ୍ନ ଜୋନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ ।

## ଜୁନ୍ ୩ରୁ ...

ସାଉଦି ଆରବ, ଇଜିପ୍ଟ, ସଂଯୁକ୍ତ ଆରବ ଏମିରେଟ୍ସ (ଟଇର), ଇଥିଓପିଆ, ଇରାନ୍ ଓ ଇଣ୍ଡୋନେସିଆ । ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ) ଅଧ୍ୟକ୍ଷତାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଷୟିକ ବୈଠକ ୨୯-୩୦ ଏପ୍ରିଲ ୨୦୨୬ ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଭାରତର ବ୍ରିକ୍ସ୍ ଅଧ୍ୟକ୍ଷତା ଅଧୀନରେ ପ୍ରଥମ ପ୍ରତ୍ୟକ୍ଷ ବୈଷୟିକ ବୈଠକ ୦୩-୦୫ ଜୁନ୍ ୨୦୨୬ ମଧ୍ୟରେ ଓଡ଼ିଶାର ପୁରୀସ୍ଥିତ ତାଜ୍ ପୁରୀ ରିସୋର୍ଟରେ ଅନୁଷ୍ଠିତ ହେବ । ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଆମ ରାଜ୍ୟକୁ ଆୟୋଜକ ଭାବେ ଚୟନ କରାଯାଇଛି । ବ୍ରିକ୍ସ୍ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ପ୍ରତିନିଧି, ନୀତି-ନିର୍ଦ୍ଧାରକ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରିବେ । ବୈଠକରେ ସ୍ଥାୟୀ ଡିଆରଆର ଅର୍ଥ ପରିଚାଳନା, ଭିତ୍ତିଭୂମି, ପୂର୍ବାନୁମାନ ଆଧାରିତ ପ୍ରତିକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ ।

ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ନେତୃତ୍ୱର ସ୍ଥାନ ପ୍ରଦାନ କରିବା , ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟର ସଫଳ ମଡେଲକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ହେତୁ ଏହି ବୈଠକ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ବୈଠକ ଅନ୍ତର୍ଜାତୀୟ ସହଯୋଗ ଏବଂ ଓଡ଼ିଶାର ବିଶ୍ୱସ୍ତରୀୟ ପରିଚିତିକୁ ଆହୁରି ସମୃଦ୍ଧ କରିବ ।

## ଅଭିଯୋଗ ଶୁଣାଣି ...

ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି ।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି ।

ସୋମବାର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି ।ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି ।

ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି । ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ । ଭୁବନେଶ୍ୱର ବାହାରେ ବିଭିନ୍ନ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ଦ୍ୱାରା ଦୂରଦୁରାନ୍ତରୁ ଲୋକମାନେ ଆଉ ଖର୍ଚ୍ଚାନ୍ତ ଓ ହଇରାଣ ହୋଇ ଭୁବନେଶ୍ୱର ଆସିବେ ନାହିଁ । ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବ ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ, ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ସ୍ୱେଚ୍ଛାକୃତ ...

ଉଠୁନାହିଁ । କୌଣସି ଦେହ ବ୍ୟବସାୟୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପୁନର୍ବାସ କରାଯିବା ଉଚିତ ନୁହେଁ । ପୁନର୍ବାସ ପ୍ରକ୍ରିୟା ବାଧ୍ୟତାମୂଳକ ନ ହୋଇ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହେବା ଦରକାର । ପୁନର୍ବାସ ପାଇଁ ସାମ୍ବିଧାନିକ ଅଧିକାର ଅନୁସାରେ ସରକାର ପୀଡ଼ିତଙ୍କୁ ଆବଶ୍ୟକ ସହାୟତା ଓ ସୁଯୋଗ ଦେବାକୁ ବାଧ୍ୟ । କିନ୍ତୁ ଏହା ସରକାରଙ୍କୁ କେବେ ହେଲେ ବି ପୀଡ଼ିତଙ୍କ ଇଚ୍ଛା ବିରୋଧରେ ତାଙ୍କ ଉପରେ ପୁନର୍ବାସ ପ୍ରକ୍ରିୟା ବଳପୂର୍ବକ ଲାଗୁ କରିବାକୁ ଅଧିକାର ଦେଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ।

ବାଣିଜ୍ୟିକ ଯୌନ ଶୋଷଣ ପାଇଁ ମାନବ ଚାଲାଣର ଶିକାର ହୋଇଥିବା ପୀଡ଼ିତାଙ୍କ ଅଧିକାରର ସୁରକ୍ଷା ନେଇ ଦିଆଯାଇଥିବା ଐତିହାସିକ ରାୟରେ ସର୍ବୋଚ୍ଚ କୋର୍ଟ କହିଛନ୍ତି ଯେ, ପୁନର୍ବାସ, ସମାଜରେ ପୁନଃ ସାମିଲ ହେବା ଓ ସୁଧାର ଗୃହରେ ରଖିବା ସମ୍ପର୍କିତ ନିଷ୍ପତ୍ତିରେ ପ୍ରାପ୍ତ ବୟସ୍କ ଦେହ ବ୍ୟବସାୟୀଙ୍କ ସହମତିକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ।

ବାଣିଜ୍ୟିକ ଯୌନ ଶୋଷଣ ପାଇଁ ହେଉଥିବା ମାନବ ଚାଲାଣ ବେଳେ ପୀଡ଼ିତାଙ୍କ ମୌଳିକ ଅଧିକାର ସୁରକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆବେଦନ ଦାଖଲ କରାଯାଇଥିଲା । ଏଥିପାଇଁ ଉପଯୁକ୍ତ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରିବାକୁ ଆବେଦନକାରୀ କହିଥିଲେ । ଏହି ଆବେଦନର ଶୁଣାଣି ବେଳେ ଡିଭିଜନ ବେଞ୍ଚ ଏପରି ରାୟ ଦେଇଛନ୍ତି ।

ବରିଷ୍ଠ ଆଇନଜୀବୀ ଅପର୍ଣ୍ଣା ଭଟ୍ ପ୍ରସ୍ତୁତ କରିଥିବା 'ପୀଡ଼ିତ ସୁରକ୍ଷା ଯୋଜନା'କୁ ଗ୍ରହଣ କରି ସୁପ୍ରିମକୋର୍ଟ କହିଛନ୍ତି, ପୀଡ଼ିତାମାନଙ୍କୁ କେବଳ ଉଦ୍ଧାର ଓ ପୁନର୍ବାସର ନିଷ୍କ୍ରିୟ ବସ୍ତୁ ଭାବେ ଦେଖାଯାଇପାରିବ ନାହିଁ । ସେମାନଙ୍କ ପସନ୍ଦ ଓ ସ୍ୱାଧୀନତାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ ।

କୋର୍ଟ ଆଇଟିପିଏର ଧାରା ୧୭ ଅଧୀନରେ ଥିବା "ଅଭିଭାବକ ଦୃଷ୍ଟିଭଙ୍ଗୀ"କୁ ମଧ୍ୟ ଅଗ୍ରାହ୍ୟ କରି ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଏହି ପ୍ରାବଧାନ ଦେହ ବ୍ୟବସାୟ ଭଳି ସ୍ଥିତିରୁ ଉଦ୍ଧାର ହେଉଥିବା ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ । ସେମାନେ ମାନବ ଚାଲାଣ, ବଳପୂର୍ବକ କିମ୍ବା ସ୍ୱେଚ୍ଛାକୃତ ଭାବେ ସବୁ କିଛି କରୁଛନ୍ତି, ସେକଥାକୁ ବିଚାର କରାଯାଏ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।

# ଓସାକ୍ସର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଡାକ୍ତର ରୂପଭାନୁ ମିଶ୍ର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଡାକ୍ତର ରୂପଭାନୁ ମିଶ୍ର, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଏହି ପଦବୀ ସହ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଡାକ୍ତର ରୂପଭାନୁ ମିଶ୍ର ଦୀର୍ଘ ବର୍ଷ ଧରି ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଆସୁଛନ୍ତି । ପୁରୀ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ସମୟରେ ସେ ଜନସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର କାର୍ଯ୍ୟର ରୂପାୟନ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ପରବର୍ତ୍ତୀ ସମୟରେ ସେ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରି ରୋଗୀ ସେବା, ହସ୍ପିଟାଲ ପରିଚାଳନା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ନେତୃତ୍ୱ ପ୍ରଦାନ କରୁଛନ୍ତି । ଓସାକ୍ସ କାର୍ଯ୍ୟାଳୟରେ ଆଜି ଦାୟିତ୍ୱ ଗ୍ରହଣ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସଫଳତା, ଆହ୍ୱାନ ଏବଂ ଭବିଷ୍ୟତ ରଣନୀତି ସମ୍ପର୍କରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଥିଲା । ସେ କହିଥିଲେ ଯେ, "ଏଚ୍.ଆଇ.ଭି./ ଏଡସ୍ ନିୟନ୍ତ୍ରଣ କେବଳ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ସାମାଜିକ ଆନ୍ଦୋଳନ । ସଚେତନତା, ସମୟୋପଯୋଗୀ ପରୀକ୍ଷା, ଗୁଣାତ୍ମକ ଚିକିତ୍ସା ଏବଂ ସମାଜରେ ଭେଦଭାବ ଦୂରୀକରଣ ମାଧ୍ୟମରେ ଆମେ ୨୦୩୦ ସୁଦ୍ଧା ଏଡସ୍ ର ଅବସାନ ଲକ୍ଷ୍ୟ ହାସଲ କରିପାରିବା । ଏଥିପାଇଁ ସରକାରୀ ବିଭାଗ, ସମୁଦାୟ ଭିତ୍ତିକ ସଂଗଠନ, ଯୁବବର୍ଗ ଏବଂ ସାଧାରଣ ଜନତାଙ୍କ ସମନ୍ୱିତ ସହଭାଗିତା ଅତ୍ୟନ୍ତ ଆବଶ୍ୟକ ।" ସେ କହିଥିଲେ ଯେ, ଏଚ୍.ଆଇ.ଭି. ସଂକ୍ରମିତଙ୍କ ପ୍ରତି ଭେଦଭାବ ଦୂର କରିବା, ନିୟମିତ ପରୀକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଚିକିତ୍ସାରେ ନିରନ୍ତରତା ରଖିବା ଉପରେ ଓସାକ୍ସ ଅଧିକ ଗୁରୁତ୍ୱ ଦେବ । ସେ କହିଥିଲେ ଯେ, ଡିଜିଟାଲ ପ୍ଲାଟଫର୍ମ, ସାମାଜିକ ଗଣମାଧ୍ୟମ, ରେଡ୍ ରିବନ କ୍ଲବ, ଯୁବ ସଂଗଠନ ଏବଂ ସମୁଦାୟ ଭିତ୍ତିକ ଅନୁଷ୍ଠାନଗୁଡ଼ିକୁ ଅଧିକ ସକ୍ରିୟ କରି ଜନସଚେତନତା ବୃଦ୍ଧି କରାଯିବ । ସମସ୍ତେ ଏକ ଟିମ୍ ଭାବେ କାର୍ଯ୍ୟ କଲେ ଓଡ଼ିଶା ଏହି ଲକ୍ଷ୍ୟ ହାସଲରେ ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଓସାକ୍ସର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦକ୍ଷିଣ ଓଡ଼ିଶାରେ ନୂତନ ରେଳ ଯୁଗର ଆରମ୍ଭ: ରାୟଗଡ଼ା ଡିଭିଜନର କାର୍ଯ୍ୟାରମ୍ଭ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବ ତଟ ରେଳପଥର ନବଗଠିତ ରାୟଗଡ଼ା ରେଳ ଡିଭିଜନ୍ ସୋମବାରରୁ କାର୍ଯ୍ୟକ୍ଷମ ହୋଇଛି, ଯାହା ଦକ୍ଷିଣ ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରେଳ ପ୍ରଶାସନ ଏବଂ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।
ଡିଭିଜନ କାର୍ଯ୍ୟକ୍ଷମ ହେବା ସହିତ, ସମସ୍ତ ନିର୍ଦ୍ଧାରିତ ପ୍ରଶାସନିକ, ପରିଚାଳନାଗତ ଏବଂ ବୈଷୟିକ କାର୍ଯ୍ୟଗୁଡ଼ିକୁ ନୂତନ ଡିଭିଜନାଲ୍ ବ୍ୟବସ୍ଥା ଦ୍ୱାରା ବିଧିବଦ୍ଧ ଭାବରେ ଗ୍ରହଣ କରାଯାଇଛି । ଟ୍ରେନ୍ କଣ୍ଟ୍ରୋଲ୍ ଅଫିସ୍, କଣ୍ଟ୍ରୋଲ୍ ବୋର୍ଡ ଏବଂ ଆନୁଷଙ୍ଗିକ ପରିଚାଳନା ତଦାରଖ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି, ଯାହା ଡିଭିଜନର ଅଧିକାର କ୍ଷେତ୍ର ମଧ୍ୟରେ ଟ୍ରେନ୍ ଚଳାଚଳର ସ୍ୱାଧୀନ ନିୟନ୍ତ୍ରଣ ଏବଂ ପରିଚାଳନା ସମ୍ଭବ ହୋଇପାରିବ । ମୂଳ ଡିଭିଜନ ଗୁଡ଼ିକରୁ ପରିଚାଳନାଗତ, ବୈଷୟିକ ଏବଂ ପ୍ରଶାସନିକ ଦାୟିତ୍ୱ ଗୁଡ଼ିକର ହସ୍ତାନ୍ତର ସୁରୁଖୁରୁରେ ସମ୍ପନ୍ନ ହୋଇଛି, ଯାହା ଟ୍ରେନ୍ ସେବାରେ ନିରବଚ୍ଛିନ୍ନତା ସୁନିଶ୍ଚିତ କରୁଛି । ଏହି ଡିଭିଜନର ନେତୃତ୍ୱ ନେଉଛନ୍ତି ଅମିତାଭ ସିଂଘଲ, ଯିଏକି ୧୯୯୫ ବ୍ୟାଚର ଜଣେ ଇଣ୍ଡିଆନ୍ ରେଲୱେ ସର୍ଭିସ୍ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ସ ଅଧିକାରୀ ଏବଂ ଏନ୍‌ଆଇଟି ତିରୁଚିରାପଲ୍ଲୀରୁ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଛନ୍ତି । ତାଙ୍କର ଉଲ୍ଲେଖନୀୟ ରେଳ କ୍ୟାରିୟର ମଧ୍ୟରେ, ସେ ବନ୍ଦେ ଭାରତ ଏକ୍ସପ୍ରେସ୍ (ଟ୍ରେନ୍-୧୮) ପ୍ରକଳ୍ପ ସମେତ ଅନେକ ପ୍ରମୁଖ ରୋଲିଂ ଷ୍ଟକ୍ ପଦକ୍ଷେପ ସହିତ ଜଡ଼ିତ ରହିଛନ୍ତି । ଭାରତୀୟ ରେଳବାଇରେ ତାଙ୍କର ବୃତ୍ତିଗତ ଉତ୍କର୍ଷତା ଏବଂ ଅବଦାନ ପାଇଁ ସେ ବିଭିନ୍ନ ପୁରସ୍କାର ଏବଂ ସ୍ୱୀକୃତିରେ ସମ୍ମାନିତ ମଧ୍ୟ ହୋଇଛନ୍ତି । ସେ ସମଗ୍ର ଅଞ୍ଚଳରେ ପରିଚାଳନା, ଭିତ୍ତିଭୂମି ବିକାଶ ଏବଂ ସେବା ପ୍ରଦାନକୁ ସୁଦୃଢ଼ କରିବାରେ ଅଧିକାରୀ ତଥା ରେଳ କର୍ମଚାରୀଙ୍କ ସହଯୋଗରେ ଏହି ନୂତନ ଡିଭିଜନର ନେତୃତ୍ୱ ନେବେ ।
ରାୟଗଡ଼ା ଡିଭିଜନର ପ୍ରତିଷ୍ଠା ରେଳ ପ୍ରଶାସନକୁ ଫିଲ୍ଡ ୟୁନିଟ୍ ଏବଂ ଅପରେସନାଲ୍ ସେଣ୍ଟରଗୁଡ଼ିକର ଅଧିକ ନିକଟତର କରିଛି, ଯାହା ଦ୍ରୁତ ନିଷ୍ପତ୍ତି ଗ୍ରହଣ, ଟ୍ରେନ୍ ଚଳାଚଳର ଉନ୍ନତ ତଦାରଖ, ଉନ୍ନତ ସମ୍ପତ୍ତି ପରିଚାଳନା ଏବଂ ରାଜ୍ୟ ସରକାରୀ ସଂସ୍ଥା, ଶିଳ୍ପ ଏବଂ ଅନ୍ୟାନ୍ୟ ଅଂଶୀଦାର (ଷ୍ଟେକହୋଲ୍ଡର) ମାନଙ୍କ ସହିତ ଅଧିକ ପ୍ରଭାବଶାଳୀ ସମନ୍ୱୟକୁ ସହଜ କରିବ ।
ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ, ଔଦ୍ୟୋଗିକ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ରଣନୈତିକ ଭାବେ ଅବସ୍ଥିତ ଥିବା ଏହି ଡିଭିଜନ୍, ଏହାର ଅଧିକାର କ୍ଷେତ୍ରରେ ମାଲବାହୀ ପରିବହନକୁ ସୁଦୃଢ଼ କରିବା, ଯୋଗାଯୋଗରେ ଉନ୍ନତି ଆଣିବା ଏବଂ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।
ରାୟଗଡ଼ ଡିଭିଜନର କାର୍ଯ୍ୟକାରିତା ବିକେନ୍ଦ୍ରୀକୃତ ପ୍ରଶାସନ, ଉନ୍ନତ ପରିଚାଳନା ଦକ୍ଷତା ଏବଂ ଭିତ୍ତିଭୂମି ପରିଚାଳିତ ଆଞ୍ଚଳିକ ବିକାଶ ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ନୂତନ ଡିଭିଜନ ରେଳ ସେବାକୁ ବୃଦ୍ଧି କରିବା ଏବଂ ଦକ୍ଷିଣ ଓଡ଼ିଶା ତଥା ଆଖପାଖ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ସହାୟତା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରସ୍ତୁତ ।

# ଭାରତୀୟ ମୂଲ୍ୟବୋଧ ଆଧାରିତ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଲୋକଭବନରେ ଆୟୋଜିତ ୨ ଦିନିଆ କୁଳପତି ସମ୍ମିଳନୀ ଉଦଘାଟନୀ ସମାରୋହରେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡିକୁ ସାମାଜିକ ଦାୟିତ୍ୱବାନ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାର ଆବଶ୍ୟକତା ରହିଛି । ଏଥିସହିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଆତ୍ମନିର୍ଭର ଭାରତ ଗଠନ ଏବଂ ଭବିଷ୍ୟତର ଆହ୍ୱାନ ପାଇଁ ରାଜ୍ୟକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀ ପ୍ରଦାନକାରୀ ପ୍ରତିଷ୍ଠାନ ନୁହେଁ ବରଂ ଜ୍ଞାନ ସୃଷ୍ଟି, ନବସୃଜନ ଏବଂ ଗବେଷଣାର କେନ୍ଦ୍ର । ଶିକ୍ଷା କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବଜେଟ୍ ଆବଣ୍ଟନ ଉପରେ ଆଲୋକପାତ କରିବା ଆବଶ୍ୟକ । ଏହା ସହିତ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇ ବିଭିନ୍ନ ପଦକ୍ଷେପର ରୂପରେଖ ନିର୍ଦ୍ଧାରଣ ବିଷୟରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦକ୍ଷତା ବିକାଶ, ଇଣ୍ଟର୍ଣ୍ଣସିପ୍ ଏବଂ ଏଡିଇପି ପଦକ୍ଷେପ ଉପରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବ ନେତୃତ୍ୱ, ସ୍ୱେଚ୍ଛାସେବା ଏବଂ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ ସଶସ୍ତ୍ର ବାହିନୀ ଏବଂ ଏନସିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କାର୍ଯ୍ୟକଳାପକୁ ସୁଦୃଢ଼ କରିବା, ଭାରତୀୟ ରେଡକ୍ରସ୍ ପଦକ୍ଷେପ, ଏନଏସଏସ-ନେତୃତ୍ୱାଧୀନ ଗୋଷ୍ଠୀର ପ୍ରସାର ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଯୋଗ ଦେଇଥିଲେ ।

